

ରାଜଭୂମି

ସଂଗ୍ରହ କରନ୍ତୁ ...
ଓଡ଼ିଆ ପୂଜା ପତ୍ରିକା ପୂଜା ଭିଡ଼ ଭିତରୁ



'ରାଜଭୂମି'

ଶରତ ସ୍ୱତନ୍ତ୍ର ୨୦୨୬

ବର୍ଷ - ୦୫ | ସଂଖ୍ୟା - ୧୧ | କେନ୍ଦ୍ରାପଡ଼ା | ପାକ୍ଷିକ (ନଭେମ୍ବର୧-୧୫) | ମୂଲ୍ୟ. ୫.୦୦ | ପୃଷ୍ଠା - ୮

ବଢ଼ିଲା ବସ୍ ଭଡ଼ା,ଯାତ୍ରା ହେବ ମହଙ୍ଗା

- ସର୍ବାଧିକ ୧ ଟଙ୍କା ୧୮ ପଇସା ବୃଦ୍ଧି
- ଏସି ଡିଲକ୍ସ ବସ୍ ପାଇଁ ୧ ଟଙ୍କା ୯୯ ପଇସା
- ଫୁଲ୍ ସ୍ଲିପର ଏସି କୋଚ୍ ପାଇଁ ୪ ଟଙ୍କା ୬୧ ପଇସା
- ନୂଆ ବିଜ୍ଞପ୍ତି ଜାରି କଲେ ସରକାର



ଭୁବନେଶ୍ୱର : ରାଜ୍ୟରେ ବସ୍ ଭଡ଼ା ନିର୍ଦ୍ଧାରଣ ନେଇ ନୂଆ ବିଜ୍ଞପ୍ତି ଜାରି କରିଛନ୍ତି ସରକାର। ପରିବହନ ବିଭାଗ ପକ୍ଷରୁ ଜାରି ବିଜ୍ଞପ୍ତି ଅନୁଯାୟୀ, ସାଧାରଣ ବସ୍‌ରେ କିଲୋମିଟର ପିଛା ସର୍ବାଧିକ ୧ ଟଙ୍କା ୧୮ ପଇସା ଭଡ଼ା ଧାର୍ଯ୍ୟ ହୋଇଥିବାବେଳେ ଏକ୍ସପ୍ରେସ୍ ବସ୍ ପାଇଁ ୧ ଟଙ୍କା ୨୪ ପଇସା ରଖାଯାଇଛି। ସେହିପରି ସେମି ଡିଲକ୍ସ ବସ୍ ପାଇଁ ୧ ଟଙ୍କା ୩୦ ପଇସା, ଡିଲକ୍ସ ବସ୍ ପାଇଁ ୧ ଟଙ୍କା ୪୧ ପଇସା ଏବଂ ଏସି ଡିଲକ୍ସ ବସ୍ ପାଇଁ ୧ ଟଙ୍କା ୯୯ ପଇସା ଭଡ଼ା ନିର୍ଦ୍ଧାରଣ କରାଯାଇଛି । ଅନ୍ୟପକ୍ଷରେ ସୁପର ପ୍ରିମିୟମ୍ ବସ୍ ପାଇଁ କିଲୋମିଟର ପିଛା ୩ ଟଙ୍କା ୨୧ ପଇସା ଏବଂ ସୁପର ପ୍ରିମିୟମ୍ ଫୁଲ୍ ସ୍ଲିପର ଏସି କୋଚ୍ ପାଇଁ ୪ ଟଙ୍କା ୬୧ ପଇସା ଭଡ଼ା ଧାର୍ଯ୍ୟ ହୋଇଛି । ତେବେ ଏହି ନୂଆ ଭଡ଼ା ତାଲିକା ଟାଉନ୍ ବସ୍ ବ୍ୟତୀତ ରାଜ୍ୟର ଅନ୍ୟ ଷ୍ଟେଜ୍ କ୍ୟାରେଜ୍ ବସ୍ ପାଇଁ ଲାଗୁ ହେବ। ସରକାରଙ୍କ ଗେଜେଟ୍ ବିଜ୍ଞପ୍ତି ପ୍ରକାଶ ତାରିଖଠାରୁ ଏହା କାର୍ଯ୍ୟକାରୀ ହେବ। ବିଜ୍ଞପ୍ତିରେ ଯାତ୍ରୀଙ୍କ ପାଇଁ ଲଗେଜ୍ ନିୟମ ମଧ୍ୟ ସ୍ପଷ୍ଟ କରାଯାଇଛି । ପ୍ରତ୍ୟେକ ଯାତ୍ରୀଙ୍କୁ ୧୫ କିଲୋଗ୍ରାମ ପର୍ଯ୍ୟନ୍ତ ଲଗେଜ୍ ମାଗଣାରେ ନେବାକୁ ସୁବିଧା ମିଳିବ। ଏହାଠାରୁ ଅଧିକ ଓଜନର ଲଗେଜ୍ ପାଇଁ ପ୍ରତି ୨୦ କିଲୋଗ୍ରାମ ପିଛା କିଲୋମିଟର ପ୍ରତି ୭ ପଇସା ଦେବାକୁ ପଡ଼ିବ। ଏଥିସହ ପ୍ରତ୍ୟେକ ବସ୍‌ରେ ଏହାର ବର୍ଗ, କିଲୋମିଟର ପିଛା ଭଡ଼ା ଓ ଯାତ୍ରୀଙ୍କ ପାଇଁ ଉପଲବ୍ଧ ରିହାତି ସମ୍ପର୍କିତ ତଥ୍ୟ ପ୍ରଦର୍ଶନ କରିବା ବାଧ୍ୟତାମୂଳକ କରାଯାଇଛି । ଦିବ୍ୟାଙ୍ଗ ଓ ଅନ୍ୟ ନିର୍ଦ୍ଦିଷ୍ଟ ବର୍ଗର ଯାତ୍ରୀଙ୍କ ପାଇଁ ଭଡ଼ା ରିହାତି ବ୍ୟବସ୍ଥା ମଧ୍ୟ ଜାରି ରହିବ। ଏଚ୍‌ଆଇଭି/ଏଡ୍‌ସ ଆକ୍ରାନ୍ତ, ସମ୍ପୂର୍ଣ୍ଣ ଦୃଷ୍ଟିହୀନ, ମାନସିକ ଅକ୍ଷମ ଏବଂ ନିର୍ଦ୍ଦିଷ୍ଟ ଶ୍ରେଣୀର ଶାରୀରିକ ଓ ଶ୍ରବଣ ବାଧିତ ଯାତ୍ରୀଙ୍କ ପାଇଁ ୫୦ରୁ ୧୦୦ ପ୍ରତିଶତ ପର୍ଯ୍ୟନ୍ତ ରିହାତି ରହିଛି। ଏଥିପାଇଁ ସମ୍ପୃକ୍ତ କର୍ତ୍ତୃପକ୍ଷଙ୍କ ପରିଚୟପତ୍ର କିମ୍ବା ପ୍ରମାଣପତ୍ର ଦେଖାଇବାକୁ ପଡ଼ିବ। ସେହିପରି ଇନ୍ଧନ ଦରରେ ପରିବର୍ତ୍ତନ ହେଲେ ତାହା ଅନୁଯାୟୀ ବସ୍ ଭଡ଼ାର ସ୍ୱୟଂଚାଳିତ ସଂଶୋଧନ ବ୍ୟବସ୍ଥା ଲାଗୁ କରିବାକୁ ସରକାର ବିଜ୍ଞପ୍ତିରେ ଉଲ୍ଲେଖ କରିଛନ୍ତି । ଏଥିପାଇଁ ପରିବହନ କମିଶନର ଆବଶ୍ୟକ ନିର୍ଦ୍ଦେଶ ଜାରି କରିପାରିବେ। ନୂଆ ଭଡ଼ା ବ୍ୟବସ୍ଥାର କାର୍ଯ୍ୟକାରିତା ଓ ତଦାରଖ ଦାୟିତ୍ୱ ରାଜ୍ୟ ପରିବହନ କର୍ତ୍ତୃପକ୍ଷ ଏବଂ ଆଞ୍ଚଳିକ ପରିବହନ କର୍ତ୍ତୃପକ୍ଷଙ୍କୁ ଦିଆଯାଇଛି ।

ଗୋପାଳପୁରରେ ହେବ ପ୍ରଥମ ସମୁଦ୍ର ଜଳରୁ ମଧୁର ଜଳ ପ୍ରସ୍ତୁତ ପ୍ରକଳ୍ପ

- ପିପିପି ମୋଡ୍‌ରେ ପ୍ରାୟ ୧,୦୦୦ କୋଟି ଟଙ୍କା ବ୍ୟୟ
- ଓଡ଼ିଶାର ପ୍ରଥମ ସମୁଦ୍ର ଜଳ ଲବଣମୁକ୍ତକରଣ ପ୍ରକଳ୍ପ ନିର୍ମାଣ ହେବ

ଭୁବନେଶ୍ୱର : ପ୍ରାୟ ୧ ହଜାର କୋଟି ଟଙ୍କା ବ୍ୟୟରେ ଗଞ୍ଜାମ ଜିଲ୍ଲାର ଗୋପାଳପୁର ସମୁଦ୍ର ତଟରେ ରାଜ୍ୟର ପ୍ରଥମ ସମୁଦ୍ରରୁ ମଧୁର ଜଳ ପ୍ରସ୍ତୁତ ପ୍ରକଳ୍ପ (ଲବଣମୁକ୍ତ ଜଳ ପ୍ରକଳ୍ପ) ସରକାରୀ-ଘରୋଇ ସହଭାଗିତା (ପିପିପି) ରେ ନିର୍ମାଣ ହେବ। ଏଥିପାଇଁ ଇଡକୋ, ଆଇଏଫସି ଏବଂ ପିପିପି ସେଲ୍ ମଧ୍ୟରେ ଏକ ତ୍ରିପାକ୍ଷିକ ବୁଝାମଣା ସ୍ୱାକ୍ଷରିତ ହୋଇଛି । ସରକାରୀ ଓ ଘରୋଇ ସହଭାଗିତା (ପିପିପି) ପ୍ରକଳ୍ପ ପାଇଁ ଭିତ୍ତିଭୂମି ସମ୍ପର୍କିତ କ୍ଷମତାସମ୍ପନ୍ନ କମିଟି(ଇସିଆଇ)ର ୬୬ତମ ବୈଠକ ଆଜି ମୁଖ୍ୟ ଶାସନ ସଚିବ ଅନୁ ଗର୍ଗଙ୍କ ଅଧ୍ୟକ୍ଷତାରେ ଲୋକସେବା ଭବନସ୍ଥିତ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ବୈଠକରେ ଏହି ପ୍ରକଳ୍ପକୁ ଅନୁମୋଦନ କରାଯାଇଛି। ଏହି ଅବସରରେ ଆଇଏଫସିର ଦକ୍ଷିଣ ଏସିଆ ଅଞ୍ଚଳର ପିପିପି କାରବାର ପରାମର୍ଶ ସେବା ବିଭାଗର ପରିଚାଳକ କମଲ ଡୋରାବାଓ୍ୱିଲା ନିଜ ଅଭିଭାଷଣରେ କହିଥିଲେ, ଓଡ଼ିଶାକୁ ବିଶ୍ୱସ୍ତରରେ ପ୍ରତିଯୋଗିତାମୂଳକ ନିବେଶ ସୁଯୋଗର ଏକ ରଣନୈତିକ କେନ୍ଦ୍ର ଭାବେ ଗଢ଼ି ତୋଳିବା ଦିଗରେ ଆଇଏଫସିର ସମଗ୍ର ଟିମ୍ ଏକାଗ୍ରତାର ସହ କାର୍ଯ୍ୟ କରୁଛନ୍ତି । ୨୮,୬୬୪.୨୮ କୋଟି ଟଙ୍କାର ମୋଟ ଆନୁମାନିକ ବ୍ୟୟ ବିଶିଷ୍ଟ ୨୮ଟି ଚାଲୁ ରହିଥିବା ପିପିପି ପ୍ରକଳ୍ପର ଅଗ୍ରଗତି ଓ ସ୍ଥିତି ମଧ୍ୟ ସମୀକ୍ଷା କରାଯାଇଥିଲା । ବୈଠକରେ ଆଇଏଫସି ସହଯୋଗର ଅଂଶସ୍ୱରୂପ ଚିହ୍ନଟ କରାଯାଇଥିବା ମୋଟ ୧୧ଟି ପ୍ରକଳ୍ପକୁ କମିଟି ପକ୍ଷରୁ ନୀତିଗତ ଅନୁମୋଦନ ପ୍ରଦାନ କରାଯାଇଥିଲା । ଏହି ପ୍ରକଳ୍ପଗୁଡ଼ିକର ମୋଟ ଆନୁମାନିକ ବ୍ୟୟ ପ୍ରାୟ ୧୫,୪୯୮ କୋଟି ଟଙ୍କା । ଏଥିସହ ପ୍ରାୟ ୮୩୧.୬୮ କୋଟି ଟଙ୍କାର ମୋଟ ଆନୁମାନିକ ବ୍ୟୟ ବିଶିଷ୍ଟ ଅନ୍ୟ ୫ଟି ନୂତନ ପ୍ରକଳ୍ପକୁ ମଧ୍ୟ ଅନୁମୋଦନ ମିଳିଛି । ଏହା ବ୍ୟତୀତ, ପ୍ରାୟ ଆଇଏଫସି ସହଯୋଗର ଅଂଶସ୍ୱରୂପ ଚିହ୍ନଟ କରାଯାଇଥିବା ମୋଟ ୧୧ଟି ପ୍ରକଳ୍ପକୁ କମିଟି ପକ୍ଷରୁ ନୀତିଗତ ଅନୁମୋଦନ ପ୍ରଦାନ କରାଯାଇଥିଲା । ଏହି ପ୍ରକଳ୍ପଗୁଡ଼ିକର ମୋଟ ଆନୁମାନିକ ବ୍ୟୟ ପ୍ରାୟ ୧୫,୪୯୮ କୋଟି ଟଙ୍କା । ଏଥିସହ ପ୍ରାୟ ୮୩୧.୬୮ କୋଟି ଟଙ୍କାର ମୋଟ ଆନୁମାନିକ ବ୍ୟୟ ବିଶିଷ୍ଟ ଅନ୍ୟ ୫ଟି ନୂତନ ପ୍ରକଳ୍ପକୁ ମଧ୍ୟ ଅନୁମୋଦନ ମିଳିଛି । ଏହା ବ୍ୟତୀତ, ପ୍ରାୟ ମୁଖ୍ୟ ଶାସନ ସଚିବ କହିଲେ, ଅନ୍ତର୍ଜାତୀୟ ଅର୍ଥ ନିଗମ (ଆଇଏଫସି) ସହ ବର୍ତ୍ତମାନର ସହଯୋଗ ଅନୁଯାୟୀ, ସହରାଞ୍ଚଳରେ ସୁଲଭ ଗୃହ ନିର୍ମାଣ, ଶିଳ୍ପ ଭିତ୍ତିଭୂମି ଆଦି ବିଭିନ୍ନ କ୍ଷେତ୍ର ସମେତ ବ୍ୟାପକ ସାମାଜିକ ପ୍ରଭାବ ସୃଷ୍ଟି କରିପାରୁଥିବା ସରକାରୀ-ଘରୋଇ ସହଭାଗିତା (ପିପିପି) ପ୍ରକଳ୍ପଗୁଡ଼ିକର ଏକ ସୁସଂଗଠିତ ତାଲିକା ପ୍ରସ୍ତୁତ କରିବା ଆବଶ୍ୟକ ବୋଲି କହିଥିଲେ।

୧୪ରେ ବଣ୍ଟାଯିବ ୨.୯୧ଲକ୍ଷ ଆବାସ ଘର

ବଲାଙ୍ଗୀରରୁ ଶୁଭାରମ୍ଭ କରିବେ କେନ୍ଦ୍ର ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ

ଭୁବନେଶ୍ୱର: ରାଜ୍ୟର ଗରିବ ଓ ବାସହୀନ ପରିବାରଙ୍କ ପାଇଁ ଖୁସି ଖବର। ଆସନ୍ତା ୧୪ତାରିଖ ଶନିବାର ରାଜ୍ୟବାସୀଙ୍କୁ ମିଳିବ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ପକ୍କାଘର। ବଲାଙ୍ଗିର ଜିଲ୍ଲା ମୁଖ୍ୟାଳୟଠାରେ ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମରେ କେନ୍ଦ୍ର ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ଶିବରାଜ ସିଂ ଚୌହ୍ୱାନ ଓ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଉପସ୍ଥିତିରେ ହିତାଧିକାରୀଙ୍କୁ ଏହି ଆବାସ କାର୍ଯ୍ୟାଦେଶ ବଣ୍ଟନ କରାଯିବ। ଏନେଇ ପଂଚାୟତିରାଜ ଓ ପାନୀୟ ଜଳ ବିଭାଗ ପକ୍ଷରୁ ସବୁ ଜିଲ୍ଲାପାଳଙ୍କୁ ଅବଗତ କରାଯାଇଛି ।ରାଜ୍ୟ ପଂଚାୟତିରାଜ ଓ ପାନୀୟ ଜଳ ବିଭାଗ ମନ୍ତ୍ରୀ ରବିନାରାୟଣ ନାଏକ ଆଜି ଗଣମାଧ୍ୟମକୁ ସୂଚନା ଦେଇ କହିଛନ୍ତି ଯେ, , ପୂର୍ବରୁ ସଠିକ୍ ତାଲିକା ନଥିବା କାରଣରୁ ଅନେକ ପ୍ରକୃତ ହିତାଧିକାରୀ ପକ୍କା ଘର ପାଇବାରୁ ବଂଚିତ ହୋଇ ରହିଥିଲେ। ତେବେ ବର୍ତ୍ତମାନର ସରକାର ଦାୟିତ୍ୱ ନେବାପରେ ସମ୍ପୂର୍ଣ୍ଣ ସ୍ୱଚ୍ଛତା ଅବଲମ୍ବନ କରି 'ଆବାସ+ ୨୦୨୪' ମାଧ୍ୟମରେ ଅନଲାଇନ୍ ସର୍ଭେ କରିଥିଲେ, ଯେଉଁଥିରେ ପ୍ରାୟ ଦେଢ଼ ବର୍ଷ ଭିତରେ ୩୭ ଲକ୍ଷରୁ ଅଧିକ ଲୋକ ପଞ୍ଜିକୃତ ହୋଇଛନ୍ତି ।ପୂର୍ବରୁ କେନ୍ଦ୍ର ସରକାରଙ୍କ ଦ୍ୱାରା ପିଏମଆବାସରେ ରାଜ୍ୟକୁ ୪ଲକ୍ଷ ଘର ମିଳିସାରିଥିବାବେଳେ ଅନ୍ତ୍ୟୋଦୟ ଗୃହ ଯୋଜନାରେ ମଧ୍ୟ ୫ ଲକ୍ଷ ଘର ଯୋଗାଇ ଦିଆଯାଉଛି। ଏବେ 'ଆବାସ+ ୨୦୨୪' ସର୍ଭେ ତାଲିକାରୁ ଅତିରିକ୍ତ ଭାବେ ଆଉ ୨ ଲକ୍ଷ ୯୧ ହଜାର ୬୬୬ଟି ଘର ଆସନ୍ତା ୧୪ ତାରିଖରେ ଆବଣ୍ଟନ କରାଯିବ। ଏହାସହିତ ହିତାଧିକାରୀମାନଙ୍କୁ ଶୀଘ୍ର ଗୃହନିର୍ମାଣ କାର୍ଯ୍ୟକୁ ପ୍ରୋତ୍ସାହିତ କରିବା ପାଇଁ ରାଜ୍ୟ ସରକାର ପ୍ରୋତ୍ସାହନ ରାଶିକୁ ବୃଦ୍ଧି କରିଛନ୍ତି। ପୂର୍ବରୁ ନିର୍ଦ୍ଧାରିତ ଅବଧିରେ ଗୃହ ନିର୍ମାଣ କାର୍ଯ୍ୟ ଶେଷ କଲେ ଯେଉଁ ୨୦ହଜାର ଟଙ୍କା ମିଳୁଥିଲା ତାକୁ ରାଜ୍ୟ ସରକାର ୩୫ହଜାର ଟଙ୍କାକୁ ବୃଦ୍ଧି କରିଛନ୍ତି। ସରକାରଙ୍କ ଏହି ନିଷ୍ପତ୍ତି ଫଳରେ ରାଜ୍ୟର ଲକ୍ଷାଧିକ ଗରିବ ପରିବାର ନିଜର ପକ୍କାଘର ସ୍ୱପ୍ନ ପୂରଣ କରିପାରିବେ ବୋଲି ମନ୍ତ୍ରୀ ଶ୍ରୀ ନାଏକ କହିଛନ୍ତି ।ଅନ୍ୟପକ୍ଷରେ ରାଜ୍ୟ ପଂଚାୟତିରାଜ ଓ ପାନୀୟ ଜଳ ବିଭାଗର ସ୍ୱତନ୍ତ୍ର ପ୍ରକଳ୍ପ ନିର୍ଦ୍ଦେଶକ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ସବୁ ଜିଲ୍ଲାପାଳ ଓ ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀମାନଙ୍କୁ ଚିଠି ଲେଖି ୧୪ତାରିଖ କାର୍ଯ୍ୟକ୍ରମ ପାଇଁ ପ୍ରସ୍ତୁତି କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ରାଜ୍ୟର ସମସ୍ତ ଜିଲ୍ଲା ମୁଖ୍ୟାଳୟ, ବ୍ଲକ ଓ ପଂଚାୟତସ୍ତରରେ ସାଧାରଣ ଲୋକେ ଯେପରି ଏହି କାର୍ଯ୍ୟକ୍ରମକୁ ଦେଖିପାରିବେ, ସେଥିପାଇଁ ବ୍ୟାପକ ବ୍ୟବସ୍ଥା କରିବାକୁ କୁହାଯାଇଛି । ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମଗୁଡ଼ିକୁ ସମ୍ପୃକ୍ତ ସଦର ମହକୁମା ବ୍ଲକ ସହ ମିଶାଇ ଆୟୋଜନ କରିବାକୁ ପରାମର୍ଶ ଦିଆଯାଇଛି । ତୃଣମୂଳସ୍ତରରେ ଲୋକଙ୍କ ଦେଖିବା ସୁବିଧା ପାଇଁ ପ୍ରତି ବ୍ଲକ ପିଛା ୭୫ହଜାର ଟଙ୍କା ଓ ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମ ଆୟୋଜନ କରୁଥିବା ସଦର ମହକୁମା ବ୍ଲକଗୁଡ଼ିକ ପାଇଁ ଦେଢ଼ଲକ୍ଷ ଟଙ୍କା ଲେଖାଏଁ ଖର୍ଚ୍ଚ ମଞ୍ଜୁର କରାଯାଇଥିବା ଜଣାପଡ଼ିଛି ।

ବିପର୍ଯ୍ୟୟ ପରିଚାଳନା ନେଇ ସବୁ ରାଜନୈତିକ ଦଳଙ୍କ ସହ ଆଲୋଚନା ପାଇଁ ରାଜସ୍ୱ ମନ୍ତ୍ରୀଙ୍କ ଆହ୍ୱାନ

ଭୁବନେଶ୍ୱର : ଗଞ୍ଜାମ ଜିଲ୍ଲାରେ ଚଳିତ ବର୍ଷ ଯେଉଁଭଳି ଅତି ପ୍ରବଳ ବର୍ଷା ହୋଇଛି, ତାହା ଜିଲ୍ଲାର ଇତିହାସରେ କେବେ ହୋଇ ନ ଥିଲା। ବାତ୍ୟା ଅର୍ଣ୍ଣବ ପ୍ରଭାବରେ ମାତ୍ର ତିନି ଦିନରେ ରେକର୍ଡ ଭାଙ୍ଗି ବର୍ଷା ହୋଇଥିବା ବେଳେ ପାତ୍ରପୁରରେ ବୃଷ୍ଟିପାତର ପରିମାଣ ଅଧିକ ଥିଲା। ଅକ୍ଟୋବର ୨୮ରୁ ୩୦ ତାରିଖ ମଧ୍ୟରେ ଗଞ୍ଜାମ ଜିଲ୍ଲାରେ ହାରାହାରି ୩୩୭.୬ ମିମି ବର୍ଷା ରେକର୍ଡ ହୋଇଥିବା ବେଳେ ପାତ୍ରପୁର ବ୍ଲକରେ ସର୍ବାଧିକ ୮୦୮.୪ ମିମି ବୃଷ୍ଟିପାତ ହୋଇଥିଲା । ପାତ୍ରପୁରରେ ହୋଇଥିବା ବର୍ଷା ଓଡ଼ିଶା ଇତିହାସର ଚତୁର୍ଥ ସର୍ବାଧିକ ବୃଷ୍ଟିପାତ ବୋଲି ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ କହିଛନ୍ତି। ସେହିପରି ଗଜପତି ଜିଲ୍ଲାର ମୋହନାରେ ତିନି ଦିନରେ ୫୨୫.୨ ମିମି, ଗଞ୍ଜାମର ସାନଖେମୁଣ୍ଡିରେ ୫୬୦ ମିମି ଏବଂ କନ୍ଧମାଳର ଜି. ଉଦୟଗିରିରେ ୫୪୩.୨ ମିମି ବର୍ଷା ହୋଇଥିଲା। ଏହି ଅତ୍ୟଧିକ ବୃଷ୍ଟିପାତ ଯୋଗୁଁ ଋଷିକୁଲ୍ୟା ନଦୀରେ ହଠାତ୍ ବନ୍ୟା ବା ଫ୍ଲାସ୍ ଫ୍ଲଡ୍ ପରିସ୍ଥିତି ସୃଷ୍ଟି ହୋଇଥିଲା। ଫଳରେ ଗଞ୍ଜାମ ଜିଲ୍ଲାର ଅନେକ ଅଞ୍ଚଳ ଜଳମଗ୍ନ ହୋଇଥିଲା।ବନ୍ୟା ପରିଚାଳନାରେ ଡ୍ୟାମ୍‌ଗୁଡ଼ିକର ଭୂମିକା ଉପରେ ମଧ୍ୟ ମନ୍ତ୍ରୀ ଆଲୋକପାତ କରିଛନ୍ତି। ଋଷିକୁଲ୍ୟା ନଦୀରେ ଅନେକ ଉପନଦୀ ମିଶିଥିବା ବେଳେ ଏହାର ଜଳପ୍ରବାହ ନିୟନ୍ତ୍ରଣ ପାଇଁ ଚାରୋଟି ଡ୍ୟାମ୍ ରହିଛି। ସେଥିମଧ୍ୟରୁ ଗୋଟିଏ ଡ୍ୟାମ୍‌ପ୍ରେରିଚାଳନା ଅଟୋମେଟିକ୍ ରହିଛି ।କିନ୍ତୁ ସୋରଡ଼ାରେ ଫାଟକ ବ୍ୟବସ୍ଥା ନଥିବାରୁ ଏଥର ବନ୍ୟା ପରିସ୍ଥିତିରେ ସମସ୍ୟା ଉପୁଜିଥିଲା। ତେଣୁ ଆଗାମୀ ଦିନରେ ବନ୍ୟା ନିୟନ୍ତ୍ରଣ ଭିତ୍ତିଭୂମିକୁ ଅଧିକ ସୁଦୃଢ଼ କରିବା ଉପରେ ସରକାର ଗୁରୁତ୍ୱ ଦେଉଛନ୍ତି। ଅନ୍ୟପକ୍ଷରେ, ଅତୀତର ବିପର୍ଯ୍ୟୟ ତୁଳନାରେ ଚଳିତ ବାତ୍ୟା ଓ ବନ୍ୟାରେ ଜୀବନହାନି ରୋକିବାରେ ପ୍ରଶାସନ ସଫଳ ହୋଇଥିବା ମନ୍ତ୍ରୀ କହିଛନ୍ତି ।ସରକାରୀ ତଥ୍ୟ ଅନୁସାରେ, ୧୯୯୦ ମସିହାର ମହାବାତ୍ୟାରେ ୯୮୬୬ ଜଣ , ୨୦୧୩ ମସିହାରେ ଫାଇଲିନ୍ ବାତ୍ୟାରେ ୪୫ ଜଣ , ୨୦୧୮ ମସିହାରେ ତିତଲି ବନ୍ୟାରେ ୭୨ ଜଣ ଏବଂ ୨୦୧୮ ମସିହାରେ ଫନି ବାତ୍ୟାରେ ୬୫ ଜଣ ପ୍ରାଣ ହରାଇଥିଲେ। ତେବେ, ବାତ୍ୟା ଅର୍ଣ୍ଣବ ଏବଂ ତା' ଯୋଗୁ ଆସିଥିବା ବନ୍ୟାରେ ଗଞ୍ଜାମ ଜିଲ୍ଲାରେ ସିଧାସଳଖ କୌଣସି ମୃତାହତ ରେକର୍ଡ଼ ହୋଇ ନାହିଁ। ଭୂସ୍ଖଳନ ଯୋଗୁଁ କେବଳ ଯାହା ମୃତାହତ ରେକର୍ଡ଼ ହୋଇଛି। ଆସନ୍ତା ୧୮ ତାରିଖରୁ ବିଧାନସଭା ଅଧିବେଶନ ଆରମ୍ଭ ହେବାକୁ ଥିବାରୁ ବିପର୍ଯ୍ୟୟ ପରିଚାଳନା ନେଇ ସବୁ ରାଜନୈତିକ ଦଳଙ୍କ ସହ ଆଲୋଚନା ପାଇଁ ମନ୍ତ୍ରୀ ଆହ୍ୱାନ ଦେଇଛନ୍ତି। ଦାନା, ମୋଟ୍ଟା ଓ ଅର୍ଣ୍ଣବ ସମେତ ଅତୀତର ସମସ୍ତ ବାତ୍ୟା ଓ ବନ୍ୟାର ମୁକାବିଲା ଅନୁଭୂତିକୁ ନେଇ ଆଲୋଚନା ହେବା ଆବଶ୍ୟକ ବୋଲି ସେ କହିଛନ୍ତି ।ଆଇଆଇଟି ଏବଂ ଅନ୍ୟାନ୍ୟ ବୈଷୟିକ ଅନୁଷ୍ଠାନମାନଙ୍କ ସହଯୋଗରେ ଆମେ ଗବେଷଣା, ସର୍ଭେ କରିବା ସହ ତଦନୁଯାୟୀ ବିପର୍ଯ୍ୟୟ ପ୍ରତିରୋଧୀ ତଥା ସହନଶୀଳ ଭିତ୍ତିଭୂମି ବିକାଶ ନିମନ୍ତେ କାର୍ଯ୍ୟ କରୁଛୁ ।ରାଜ୍ୟ ସରକାର ସମ୍ପୂର୍ଣ୍ଣ ରୂପେ ଉତ୍ତରଦାୟୀ ହୋଇ ଜନସାଧାରଣଙ୍କ ସୁରକ୍ଷା ଏବଂ ସ୍ୱାର୍ଥରକ୍ଷା ସୁନିଶ୍ଚିତ କରିବା ଦିଗରେ ପ୍ରତିବଦ୍ଧତାର ସହ କାର୍ଯ୍ୟ କରୁଛନ୍ତି ଏବଂ ସମସ୍ତ ପ୍ରକାରର ଗଠନମୂଳକ ଆଲୋଚନା ନିମନ୍ତେ ପ୍ରସ୍ତୁତ ଅଛନ୍ତି ।



ବୈତରଣୀରେ ବୁଡ଼ ପକାଇବା ବେଳେ ବୁଡ଼ିଗଲେ ଦମ୍ପତି

ଭୁବନେଶ୍ୱର(ବ୍ୟୁରୋ) ବୈତରଣୀରେ ବୁଡ଼ ପକାଇବା ବେଳେ ବୁଡ଼ିଗଲେ ଦମ୍ପତି। ଆଜି ଯାଜପୁରରେ ଘଟିଛି ଏହି ଘଟଣା। ମୃତ ଦମ୍ପତିଙ୍କ ଘର ଆନ୍ଧ୍ର ପ୍ରଦେଶର ଚିତ୍ତୋର ଜିଲ୍ଲାରେ। ମୃତକ ଦ୍ୱୟ ହେଉଛନ୍ତି ଶ୍ରୀନିବାସ ଓ ଦେବୀ। ସେମାନଙ୍କ ପରିବାରର ମୋଟ ୬ ଜଣ ଯାଜପୁର ଆସିଥିଲେ ମା' ବିରଜାଙ୍କ ଦର୍ଶନ ପାଇଁ। ମା' ବିରଜାଙ୍କ ଦର୍ଶନ ସହିତ ବୈତରଣୀ ନଦୀରେ ବୁଡ଼ ପକାଇବାକୁ ସେମାନେ ଆସିଥିଲେ।ପ୍ରଥମେ ଶ୍ରୀନିବାସ ଓ ଦେବୀଙ୍କ ଝିଅ ନଦୀ ଭିତରକୁ ଯାଇଥିଲେ। ତେବେ ସେ ବୁଡ଼ି ଯାଉଥିବା ଦେଖି ଶ୍ରୀନିବାସ ବଞ୍ଚାଇବାକୁ ଯାଇଥିଲେ। ଝିଅ ପାଣିରୁ ସୁରକ୍ଷିତ ବାହାରି ଆସିଥିବା ବେଳେ ଶ୍ରୀନିବାସ ପାଣିରେ ବୁଡ଼ି ଯାଇଥିଲେ। ଏହା ଦେଖି ତାଙ୍କ ସ୍ତ୍ରୀ ଦେବୀ ନଦୀକୁ ପଶିଥିଲେ ତାଙ୍କୁ ବଞ୍ଚାଇବାକୁ। କିନ୍ତୁ ସେ ବି ବୁଡ଼ି ଯାଇଥିଲେ। ଖବର ପାଇ ଯାଜପୁର ଅଗ୍ନିଶମ ବାହିନୀ ସେଠାରେ ପହଞ୍ଚିଥିଲେ। ଉଭୟଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରାଯାଇଥିଲା। ସେମାନଙ୍କୁ ଯାଜପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଥିଲା। ସେଠାରେ ଯାଞ୍ଚ ପରେ ଡାକ୍ତର ସେମାନଙ୍କୁ ମୃତ ଘୋଷଣା କରିଥିଲେ।

ପୁଣି ଖୋଲିବ ବରଗଡ଼ ସମବାୟ ଚିନିକଳ !

ଭୁବନେଶ୍ୱର(ବ୍ୟୁରୋ) ବନ୍ଦ ପଡ଼ିଥିବା ବରଗଡ଼ ସମବାୟ ଚିନିକଳର ପୁନରୁଦ୍ଧାର ପାଇଁ କେନ୍ଦ୍ର ଗୃହ ଓ ସମବାୟ ମନ୍ତ୍ରୀ ଅମିତ ଶାହା ପ୍ରତିଶ୍ରୁତି ଦେଇଛନ୍ତି। ବରଗଡ଼ ଗଚ ପ୍ରଦୀପ ପୁରୋହିତ ନୂଆଦିଲ୍ଲୀସ୍ଥିତ କର୍ତ୍ତବ୍ୟ ଭବନ-୩ କାର୍ଯ୍ୟାଳୟରେ ଶାହାଙ୍କୁ ଭେଟି ଚିନିକଳ ପୁନଃକାର୍ଯ୍ୟକ୍ଷମ କରିବା ସହ ନବନିର୍ମିତ ବିପିସିଏଲ୍ ଜୈବ-ଇଥାନଲ୍ ପ୍ରକଳ୍ପର ଉଦ୍‌ଘାଟନ ପାଇଁ ବରଗଡ଼ ଆସିବାକୁ ନିମନ୍ତ୍ରଣ ଜଣାଇଛନ୍ତି। ସାଂସଦ ପୁରୋହିତ ଦୁଇଟି ପୃଥକ ଚିଠି ମାଧ୍ୟମରେ ଜିଲାର ଏହି ଦୁଇଟି ପ୍ରମୁଖ ପ୍ରସଙ୍ଗ ଉପସ୍ଥାପନ କରିଥିଲେ। ପ୍ରଥମତଃ, ବିପିସିଏଲ୍ ପକ୍ଷରୁ ପ୍ରାୟ ୧,୭୭୫ କୋଟି ଟଙ୍କା ବ୍ୟୟରେ ବରଗଡ଼ରେ ନିର୍ମିତ ପୂର୍ବ ଭାରତର ପ୍ରଥମ ଦ୍ୱିତୀୟ ପିଢ଼ିର ଏକୀକୃତ ଜୈବ-ଇଥାନଲ୍ କାରଖାନାର ଉଦ୍‌ଘାଟନ କରିବାକୁ ସେ ଶାହ

ସମ୍ପାଦକୀୟ...

ଦିଲ୍ଲୀ ପଲ୍ୟୁସନ୍

ଦିଲ୍ଲୀ ପଲ୍ୟୁସନ୍ ଏବେ ପୂରା ଭାରତରେ ଅତି ଚିନ୍ତାର ବିଷୟ ହୋଇପଡ଼ିଛି । ଦିଲ୍ଲୀ ପଲ୍ୟୁସନ୍ ତ ଏବର ନୁହେଁ.. ବହୁ ପୂର୍ବର । ଆମେ ତ ସାଧାରଣ ଜନତା ରାଜଧାନୀର ଦୁରବସ୍ଥା ବିଷୟରେ ବହୁ ଆଗରୁ ଶୁଣିଛେ, ଜାଣିଛେ, ଅନୁଭବ କରିଛେ ଏବଂ ଆଜି ବି ସେ ବିଷୟରେ ସେମିତି ମଧ୍ୟ ଶୁଣୁଛୁ ଯେ ଦିଲ୍ଲୀ ସହର ମଧ୍ୟ ସେମିତି ପ୍ରଦୂଷିତ ହୋଇପଡ଼ିଛି ଯେମିତି ବହୁ ପୂର୍ବରୁ ଥିଲା .. ଯଦି ଆଜି ବି ସେମିତି ପରିସ୍ଥିତି ରହିଛି.. ତେବେ ପରିବର୍ତ୍ତନ କାହିଁ...ପରିବର୍ତ୍ତନ କେଉଁଠି । ଦିଲ୍ଲୀ କେତେବର୍ଷରୁ ସେମିତି ପ୍ରଦୂଷିତ ହୋଇଆସିଛି . ସେ ବିଷୟରେ ତର୍ଜମାର ଆବଶ୍ୟକତା ନାହିଁ କାରଣ ତର୍ଜମା ତ ସବୁବର୍ଷ ଚାଲିଛି ଏବଂ ଆଗକୁ ବି ସେମିତି ଚାଲିଥିବ। ବର୍ଷ ବର୍ଷ ଧରି ଏତେ ସବୁ ତର୍ଜମା ପରେ ବି ଦିଲ୍ଲୀ ଆଜି ବିଶ୍ୱର ସବୁଠାରୁ ପ୍ରଦୂଷିତ ସହରରେ ସ୍ଥାନ ପାଇବାର ଆଶଙ୍କା ସୃଷ୍ଟି ହୋଇଛି । ଏମିତିରେ ଜଣେ ସାଧାରଣ ଭାରତୀୟ ମନରେ ସନ୍ଦେହ ଜାତ ହେବାର ଆଶଙ୍କା ସୃଷ୍ଟି ହୋଇପାରେ। କାରଣ ଏଇଥିପାଇଁ ଯେ ଭାରତର ରାଷ୍ଟ୍ରୀୟ ରାଜଧାନୀ କ୍ଷେତ୍ର ଦିଲ୍ଲୀ ଉପରେ ସବୁରୀ ନଜର। ଦିଲ୍ଲୀ ଉପରେ ନଜର କେବେ ଏବର ନୁହେଁ , ବହୁ ପୂର୍ବର ଯେହେତୁ ଦିଲ୍ଲୀ ହେଉଛି ରାଷ୍ଟ୍ରୀୟ ରାଜଧାନୀ କ୍ଷେତ୍ର । ସେଥିପାଇଁ ତ ନଜର। କହିବାର ଅର୍ଥ ହେଉଛି ଦିଲ୍ଲୀ ସହର ଭାରତର ଜାତୀୟ ରାଜଧାନୀ କ୍ଷେତ୍ର ହେଇଥିବା ହେତୁ ବିଭିନ୍ନ ଦୃଷ୍ଟିରୁ ଉନ୍ନତ ଏବଂ ବିକଶିତ । ଦିଲ୍ଲୀ ସର୍ବଦା କେନ୍ଦ୍ର ସରକାରଙ୍କ ତୀକ୍ଷ୍ଣ ନଜରରେ ରହିଛି ଏବଂ ସେମିତି ବି ରହିବାର ଆବଶ୍ୟକତା ରହିଛି । କାରଣ ଦିଲ୍ଲୀ ସୁରକ୍ଷିତ ରହିଲେ କେନ୍ଦ୍ର ସରକାର ବି ରହିବେ ସୁରକ୍ଷିତ । ଯାହାକି ଅତି ସାଧାରଣ କଥା । ହେଲେ ଅତି ଚିନ୍ତା ଏବଂ ପରିତାପର ବିଷୟ ହେଉଛି ଯେ ଦିଲ୍ଲୀ କିନ୍ତୁ ଆଜି ଅସୁରକ୍ଷିତ । ପାରିବେଶିକ ଦୃଷ୍ଟି କୋଣରୁ ଦିଲ୍ଲୀର ପରିବେଶ ଆଜି ଦିନକୁ ଦିନ ବିଗିଡ଼ିବାରେ ଲାଗିଛି । ପଛରେ ରହିଛି ବିଭିନ୍ନ କାରଣ। କାରଣ ତ ସବୁଥିରେ ରହିଛି ହେଲେ ନିରାକରଣ କଥାକୁ ସବୁବେଳେ ସମୟ ଅନୁସାରେ ଧ୍ୟାନ ଦେଇନୁଏନି ଅବା ସମାଧାନ କରି ହୁଏନି। ସେଥିପାଇଁ ତ ସରକାରଙ୍କୁ ଦାୟୀ କରାଯଏ। ଏଥିରେ ଆଶ୍ଚର୍ଯ୍ୟ ହେବାର କୌଣସି କାରଣ ନାହିଁ କି ଚିନ୍ତା କରିବାର କୌଣସି କାରଣ ମଧ୍ୟ ନାହିଁ। କାରଣ ସର୍ବୋପରି ସରକାର। ସବୁରୀ ଉପରେ ସରକାର। ସେପାଇଁ ତ କୁହାଯାଏ କି .. ଯିସ୍‌କା କୋଇ ନେହିଁ ଉସ୍‌କା ହେ ସରକାର। ଅର୍ଥାତ ସମାଜର ଯାବତୀୟ ସମସ୍ୟା ପାଇଁ ସରକାର ଦାୟୀ ରହିପାରନ୍ତି। ସମାଜର କୌଣସି ବି ସ୍ତରରେ ଅବା କ୍ଷେତ୍ରରେ କିଛି ବି ସେହିଭଳି ଅତି ଗୁରୁତର ଅବା ଅତି ଗମ୍ଭୀର ସମସ୍ୟା ଦେଖାଦେଲେ ସରକାର ହିଁ କେବଳ ସେହି ସମସ୍ୟାର ସମାଧାନ କରିପାରିବେ । ଯାହାକି ସରକାରଙ୍କ ଗୁରୁ ଦାୟିତ୍ୱ । ଏବେ ରାଜଧାନୀ ଦିଲ୍ଲୀରେ ଯେମିତି ପରିବେଶଗତ ସମସ୍ୟା ସୃଷ୍ଟି ହୋଇଛି , ଯାହା ଉପରେ ସରକାର ଲାଗୁ କରିଛନ୍ତି ନାନା କଟକଣା। ଆମେ କହୁଛୁ ଦିଲ୍ଲୀରେ ବାୟୁ ପ୍ରଦୂଷଣ କଥା। ଦିଲ୍ଲୀର ବାୟୁ ଗୁଣବତ୍ତା ସୂଚକାଙ୍କ କ୍ରମାଗତ ଦ୍ୱିତୀୟ ଦିନ ପାଇଁ ୪୦୦ ଅତିକ୍ରମ କରିଛି ଯାହାକି ଦିଲ୍ଲୀ ପାଇଁ ଅତି ଚିନ୍ତାଜନକ .. ଅତି ନୈରାଶ୍ୟଜନକ। ଯାହା ବି ଥିଲା, ତାହା ଏହି ସୀମିତ ସମୟ ଭିତରେ ଅତି ବୃଦ୍ଧିପାଇଛି । ଯାହା ପଛରେ ରାଜଧାନୀରେ ଅତି ପ୍ରବଳ ମାତ୍ରାରେ ବାଣଫୁଟାକୁ ଦାୟୀ କରାଯାଇପାରେ। ଏଣୁ ଦିଲ୍ଲୀର ବାୟୁମଣ୍ଡଳ ଏବେ ଅତି ମାତ୍ରାରେ ପ୍ରଦୂଷିତ ବୋଲି ଧରି ନିଆଯାଇପାରେ ଯାହା ପାଇଁ ଦିଲ୍ଲୀ ସରକାର ସହରରେ ଗ୍ରାପ୍ -୩ ଲାଗୁ କରିଛନ୍ତି । ଏହାଦ୍ୱାରା ପ୍ରଦୂଷଣ ପରିସ୍ଥିତି କିଛି ପରିମାଣରେ ନିୟନ୍ତ୍ରଣ ହୋଇପାରେ । ତାହାପରେ ହାଇବ୍ରିଡ୍ ମୋଡ୍‌ରେ ଚଲାଇପାରନ୍ତି ସ୍କୁଲ୍ ସରକାର। ମାନେ ଅନ୍‌ଲାଇନ୍ ସିଷ୍ଟମ୍ । ନିର୍ମାଣ କାର୍ଯ୍ୟ ଉପରେ ବି ଲାଗିପାରେ କଟକଣା। ଯାନବାହନ ଚଳାଚଳ ଉପରେ ବି ଲାଗିପାରେ କଟକଣା। ଏ ସବୁ ତ ଠିକ୍ ଅଛି । ତଥାପି ଆୟତ୍ତରେ ରହିନପାରେ ପରିସ୍ଥିତି କାରଣ ରାତି ପାହିଲେ ବଢ଼ିଚାଲିଛି ଦିଲ୍ଲୀ ଜନସଂଖ୍ୟା ଯାହା କି ଆଗାମୀ ଦିଲ୍ଲୀ ପାଇଁ ହୋଇପାରେ ଘାତକ ।

ଗୁରୁଜୀ

ଜଣେ ଯୁବକ ଥରେ କୌଣସି ଜରୁରୀ କାମରେ ବାହାରିଗଲେ ଏକ ଦୂର ସ୍ଥାନକୁ। ତାଙ୍କ ଯାତ୍ରା ପଥରେ କିଛି ବିପଦର ଆଶଙ୍କା ରହିଥିଲା। ଏଣୁ ସେଥିନେଇ ଯୁବକଙ୍କ ଗୁରୁ ବହୁତ ଚିନ୍ତିତ ଥିଲେ। ଯେହେତୁ ଯୁବକ ଜଣଙ୍କ କୌଣସି ଏକ ଆଶ୍ରମରେ ରହୁଥିଲେ, ସେଣୁ ସେ ଆଶ୍ରମରୁ ବାହାରିଯିବା ପୂର୍ବରୁ ତାଙ୍କ୍ ଗୁରୁଙ୍କ୍ ପରାମର୍ଶ ନେବାକୁ ଭୁଲିନଥିଲେ। ଗୁରୁଜୀ ସେହି ଯୁବକଙ୍କୁ ତାଙ୍କ୍ ସାଙ୍ଗରେ ଆଉ ଜଣେ ସାଧାରଣ ଯୁବକଙ୍କୁ ସାଙ୍ଗରେ ନେବାକୁ ପରାମର୍ଶ ଦେଇଥିଲେ ଯାହାକୁ ସହଜରେ ଗ୍ରହଣ କରି ପାରିନଥିଲେ ଯୁବକ। ଯେହେତୁ ଯୁବକ ଜଣଙ୍କ ଥିଲେ ଅତି ଦୁର୍ବଳ ମାନେ ତାଙ୍କ୍ ଶରୀର ଥିଲା ଦୁର୍ବଳ। ସେଣୁ ସାହସୀ ଯୁବକ ଜଣଙ୍କ ତାଙ୍କୁ ନିଜ ସାଙ୍ଗରେ କିଛି ନେବାକୁ ନେଇ କିଛି କହିପାରିନଥିଲେ। ତଥାପି ଗୁରୁଙ୍କ ଆଦେଶ ଉପରେ ଯୁବକ ଜଣଙ୍କ୍ କିଛି କହିପାରିନଥିଲେ କି କିଛି ପ୍ରତିବାଦ କରି ପାରି ନଥିଲେ। ମନ କଥା ମନରେ ମାରି ଯୁବକ ଜଣଙ୍କ ଗୁରୁଙ୍କ କଥାକୁ ନୀରବରେ ମାନିନେଇଥିଲେ। ପରେ ଦୁଇ ଜଣ ମିଶି ସେହି ଯାତ୍ରାରେ ବାହାରି ଗଲେ। ତେବେ ବାଟରେ ଯାଉ ଯାଉ ସେମାନେ ଗୋଟାଏ ପାନ୍ଥଶାଳାରେ ଅଟକିଗଲେ। ସାମୟିକ ବିଶ୍ରାମ ନେଇ ସେମାନେ ଆଗକୁ ବାହାରିଯିବାର ଥିଲା କିନ୍ତୁ ସେହି ପାନ୍ଥଶାଳାରେ ହିଁ ଘଟିଗଲା ବହୁତ ବଡ଼ ଦୁର୍ଘଟଣା। ଅବଶ୍ୟ ଅଳ୍ପକେ ବଞ୍ଚିଯାଇଥିଲେ ସେଦିନ। ଯେହେତୁ ସେହି ଯୁବକଙ୍କ ଉପରେ ସେହି ପାନ୍ଥଶାଳାରେ କିଛି ଆକ୍ରମଣର ଆଶଙ୍କା ରହିଥିଲା। ସେମାନେ ବାହାରିଯିବା ପୂର୍ବରୁ କେତେକ ବଦମାସ ପ୍ରକୃତିର ମଣିଷ ସେହି ଯୁବକ ଉପରେ ଆକ୍ରମଣ କରିବାର ଯୋଜନା ନେଇ ଆଗେଇ ଆସୁଥିବାର ଦେଖି ସାହସୀ ଯୁବକ କିନ୍ତୁ କିଛି ବି ଜାଣିପାରି ନଥିଲା କିନ୍ତୁ ତା' ସାଙ୍ଗରେ ଥିବା ସେହି ଦୁର୍ବଳ ଯୁବକ ଜଣଙ୍କ୍ କିନ୍ତୁ ପାନ୍ଥଶାଳା ଆଡ଼କୁ ମାଡ଼ି ଆସୁଥିବା ଯୁବକ ମାନଙ୍କ ହାବଭାବକୁ ଅନୁଭବ କରି, ତା'ର ପୂର୍ବାନୁମାନ କରି ସେଠାରୁ ପଳାୟନ କରିବାର ସୁଯୋଗ ଉଣ୍ଡି ସେଠାରୁ ଖସିଯିବାର ବାଟ ବାହାର କଲେ ଏବଂ ସେଠାରୁ ପଳାୟନ କରିବାରେ ସଫଳ ହେଲେ। ବୀର ତଥା ସାହସୀ ଯୁବକ ଜଣଙ୍କ ତାଙ୍କ ଯାତ୍ରା ପଥରେ ଆଉ ଆଗକୁ ନ ଯାଇ ଧୀରେ ଧୀରେ ପଛକୁ ଫେରିବାରେ ଲାଗିଲେ। ପରେ ସେହି ଦୁଇଜଣ ଯାଇ ଶେଷରେ ପହଞ୍ଚଗଲେ ସେହି ସାଧୁଙ୍କ ଆଶ୍ରମରେ ଯେଉଁ ସାଧୁଙ୍କ ଆଶ୍ରମରୁ ସେମାନେ ବାହାରିଥିଲେ, ସେହି ଆଶ୍ରମରେ ଗୁରୁଜୀ ତାଙ୍କ୍ ଯାତ୍ରା ସମ୍ବନ୍ଧରେ ପଚାରିବାରୁ ଯୁବକ ଜଣଙ୍କ ତାଙ୍କୁ ବିଫଳତାର କଥା ବଖାଣି ଦୁଃଖ କରିବାରୁ ଗୁରୁଜୀଙ୍କ ମତରେ କାହା ସହିତ ହାରି ଯିବାରେ ବିଫଳତା ନଥାଏ, ବରଂ ଆଗାମୀ ସମୟରେ ଜିତିବାର ପଥ ପରିଷ୍କାର କରିବାଟା ହେଉଛି ଅସଲ କଥା, ତାହା ହେଉଛି ପ୍ରକୃତ କଥା। କେବେ କେବେ ଦୁର୍ବଳ ଲୋକର ବୁଦ୍ଧିବଳ ମଧ୍ୟ କାମରେ ଲାଗେ ଯାହା ବାହୁବଳରେ ନଥାଏ।

ପ୍ରେମର ପ୍ରତିଶ୍ରୁତି ବିବାହ ପରେ ପ୍ରଶ୍ନବାଚୀ



ଦିପ୍ତିମୟୀ ନାୟକ

ଝିଅମାନେ ପ୍ରେମରେ କେତେ ଅନ୍ଧ ଏହି ପ୍ରଶ୍ନର ଉତ୍ତର ହୁଏତ ସମସ୍ତଙ୍କ ପାଖରେ ଏକାଭଳି ନଥିବ। କାରଣ ସବୁ ଝିଅ ପ୍ରେମରେ ଅନ୍ଧ ହୋଇଯାଆନ୍ତି ନାହିଁ କିନ୍ତୁ କିଛି ଝିଅ ନିଜ ଭଲପାଇବାକୁ ଏତେ ଗଭୀର ଭାବରେ ବିଶ୍ୱାସ କରିବସନ୍ତି ଯେ, ସେହି ବିଶ୍ୱାସ ଆଗରେ ନିଜ ସୁଖ, ନିଜ ଇଚ୍ଛା, ନିଜ ପରିବାର ଏପରିକି ନିଜ ଅସ୍ତିତ୍ୱକୁ ମଧ୍ୟ ଭୁଲିଯାଆନ୍ତି। ଯାହାକୁ ଭଲପାଆନ୍ତି ତା' ପାଇଁ କିଛିବି କରିଦେବାକୁ ପଛାନ୍ତିନାହିଁ କିନ୍ତୁ ସେହି ଭଲପାଇବାର ପ୍ରତିଦାନରେ ଯଦି ଅବହେଳା, ଅପମାନ ଓ ପ୍ରତାରଣା ମିଳେ ତେବେ ସେହି ହୃଦୟର ଅବସ୍ଥା କେମିତି ହୁଏ ତାହା କେବଳ ସେହି ମଣିଷ ହିଁ ଜାଣେ।

ତେବେ ଜୀବନରେ କିଛି ସମ୍ପର୍କ ଏମିତି ଥାଏ ଯାହାର ଆରମ୍ଭ ହୁଏ ହସରୁ ଆଉ ଶେଷ ହୋଇଥାଏ ଲୁହରେ। କିଛି ପ୍ରତିଶ୍ରୁତି ଏମିତି ଥାଏ ଯାହା ଶୁଣିବା ବେଳେ ସାରା ଜୀବନର ସୁନ୍ଦର ସ୍ୱପ୍ନ ଦେଖାଏ କିନ୍ତୁ ସମୟ ଗଡ଼ିବା ସହ ସେହି ପ୍ରତିଶ୍ରୁତି ହିଁ ମନରେ ଯନ୍ତ୍ରଣା ସୃଷ୍ଟି କରେ। ପ୍ରେମରେ ଥିବାବେଳେ ଯେଉଁ ମଣିଷଟି ଦୁନିଆର ସବୁଠାରୁ ଭଲ ଲାଗେ ବେଳେବେଳେ ବିବାହ ପରେ ସେହି ମଣିଷଟି ଅଜଣା ଲାଗିବାକୁ ଆରମ୍ଭ କରେ। ତେବେ ପ୍ରଶ୍ନ ହେଉଛି ମଣିଷ ବଦଳିଯାଏ ନା ପ୍ରେମ ନାଁରେ ଆମେ ଯାହାକୁ ଦେଖିବାକୁ ଚାହୁଁଥାଉ ସେହି ଚିତ୍ରଟି ହିଁ ଆମକୁ ଭୁଲ୍ ଦେଖାଯାଏ।

ଯଦି ଆମେ କହିବା ପ୍ରେମ ଏକ ସୁନ୍ଦର ଅନୁଭବ। ଏହାର କୌଣସି ବୟସ ନାହିଁ, କୌଣସି ଜାତି ନାହିଁ, କୌଣସି ସୀମା ନାହିଁ। ଦୁଇଟି ମନ ଯେତେବେଳେ ପରସ୍ପରକୁ ବୁଝିବାକୁ ଚେଷ୍ଟା କରନ୍ତି ସେତେବେଳେ ଏକ ସମ୍ପର୍କର ଜନ୍ମ ହୁଏ କିନ୍ତୁ ସେହି ସମ୍ପର୍କରେ ଯଦି ସତ୍ୟତା, ବିଶ୍ୱାସ ଓ ସମ୍ମାନ ନଥାଏ ତେବେ ପ୍ରେମର ସୁନ୍ଦର ରୂପ ଧୀରେ ଧୀରେ ଯନ୍ତ୍ରଣାରେ ପରିଣତ ହୋଇଯାଏ। କିଛି ଝିଅ ପ୍ରେମରେ ଏତେ ଗଭୀର ଭାବରେ ଜଡ଼ିତ ହୋଇଯାଆନ୍ତି ଯେ, ଯାହାକୁ ଭଲପାଆନ୍ତି ତାଙ୍କ ପାଇଁ ସବୁକିଛି କରିବାକୁ ପ୍ରସ୍ତୁତ ହୋଇଯାଆନ୍ତି। ନିଜ ଖୁସିଠାରୁ ଅଧିକ ତାଙ୍କ ଖୁସିକୁ ଗୁରୁତ୍ୱ ଦିଅନ୍ତି। ନିଜ ଇଚ୍ଛାକୁ ପଛରେ ପକାଇ ତାଙ୍କ ଇଚ୍ଛାକୁ ସମ୍ମାନ ଦିଅନ୍ତି। ତାଙ୍କ ସହ ଭବିଷ୍ୟତର ସ୍ୱପ୍ନ ଦେଖନ୍ତି। ଭାବନ୍ତି ଏହି ମଣିଷଟି ହିଁ ମୋ ଜୀବନର ଶେଷ ଠିକଣା କିନ୍ତୁ ସବୁ ପ୍ରେମର ଶେଷ ବିବାହ ହୁଏନାହିଁ ଆଉ ସବୁ ବିବାହରେ ପ୍ରେମ ବଞ୍ଚି ରହେନାହିଁ।ଏହି କଥା ଲେଖିବା ପଛରେ ମୋର କୌଣସି କଳ୍ପନା ନାହିଁ। ଏହା ଜଣେ ସାଙ୍ଗର ଲୁହଭିଜା କଥାରୁ ଜନ୍ମ ନେଇଥିବା ଏକ ଅନୁଭୂତି।

ଅନେକ ଦିନ ପରେ ମୋର ଜଣେ ସାଙ୍ଗର ଫୋନ୍ ଆସିଥିଲା। ଫୋନ୍ ଆସିବା ମାତ୍ରେ ମୁଁ ବହୁତ ଖୁସି ହୋଇଯାଇଥିଲି । ଭାବିଥିଲି ଆଜି ପୁରୁଣା ଦିନର କଥା ହେବ, ହସ ମଜା ହେବ, ଜୀବନର ଭଲମନ୍ଦ ବିଷୟରେ ଆଲୋଚନା ହେବ କିନ୍ତୁ ଫୋନ୍ ?ର ଅନ୍ୟ ପାର୍ଶ୍ୱରୁ ଆସିଥିବା ତା'ର ସ୍ୱର ମୋତେ ହଠାତ୍ ଚୁପ୍ କରିଦେଲା।ସେ କାନ୍ଦ କାନ୍ଦ ସ୍ୱରରେ କହିଲା ଦିପ୍ତି ମୋ ପାଇଁ କିଛି ଲେଖିବୁ ନା।

ମୁଁ ହସି ହସି ପଚାରିଲି କ'ଣ ହେଲା । ମୁଁ ତୋ ପାଇଁ କ'ଣ ଲେଖିବି । ସେ କହିଲା ତୁ ତ ବାହା ହୋଇନୁ। ତୋ ପାଖରେ ତୋ ସାଙ୍ଗମାନେ ଅଛନ୍ତି। ତୁ ନିଜ ଇଚ୍ଛାରେ ଜୀବନ କାଟୁଛୁ। ତୁ ଖୁସିରେ ଅଛୁ। କିନ୍ତୁ ମୁଁ ତ ତୋର ବିବାହ କଲି। ଯାହାକୁ ଦିନେ ନିଜ ଜୀବନର ସବୁକିଛି ଭାବିଥିଲି ଆଜି ତା' ସହ ରହି ମୋତେ ଲାଗୁଛି ମୋ ଜୀବନଟା ବର୍ବାଦ ହୋଇଗଲା। ତା' କଥା ଶୁଣି ମୁଁ ଆଶ୍ଚର୍ଯ୍ୟ ହୋଇଗଲି। କାରଣ ସେହି ପୁଅକୁ ମୁଁ ମଧ୍ୟ ଜାଣିଥିଲି। ମୋ ଆଖିରେ ସେ ଖରାପ ପିଲା ନଥିଲା। ମୁଁ କହିଲି କାହିଁକି । ସେ ତ ଭଲ ପିଲା ଥିଲା। ତେବେ ଏମିତି କ'ଣ ହେଲା ।ସେ ଦୀର୍ଘଶ୍ୱାସ ନେଇ କହିଲା ଦିପ୍ତି ଶୁଣୁ ପୁଅମାନେ ଅନ୍ୟମାନଙ୍କ ପାଇଁ ଭଲ ହୋଇପାରନ୍ତି। ଭଲ ସାଙ୍ଗ ହୋଇପାରନ୍ତି, ଭଲ ପୁଅ ହୋଇପାରନ୍ତି, ସମସ୍ତଙ୍କ ଆଗରେ ଭଲ ମଣିଷର ପରିଚୟ ଦେଇପାରନ୍ତି କିନ୍ତୁ ଜଣେ ଭଲ ସ୍ୱାମୀ ହେବା ପାଇଁ ଯେଉଁ ବୁଝାମଣା, ଦାୟିତ୍ୱ ଓ ସମ୍ମାନ ଦରକାର ସେସବୁ ସମସ୍ତଙ୍କ ପାଖରେ ନଥାଏ।ତା'ର ଏହି କଥା ମୋ ମନକୁ ଛୁଇଁଗଲା। ମୁଁ ତୁରନ୍ତ କହିଲି ଆଚ୍ଛା ରହ ମୁଁ ସେହି ପୁଅକୁ ଫୋନ୍ କରି ପଚାରୁଛି କିନ୍ତୁ ସେ ମନା କରିଦେଲା। କହିଲା ନା ତାକୁ କିଛି ପଚାରିବା ଦରକାର ନାହିଁ। ତୁ କେବଳ ମୋ କଥା ଶୁଣ।ତା'ପରେ ଯାହା ଶୁଣିଲି ତାହା ମୋତେ ଭିତରୁ ଦୋହଲାଇ ଦେଲା। ତା' ଆଖିର ଲୁହ ହୁଏତ ମୁଁ ଫୋନ୍ ?ରେ ଦେଖିପାରୁନଥିଲି କିନ୍ତୁ ତା'ର ପ୍ରତ୍ୟେକ କଥାରେ ସେହି ଯନ୍ତ୍ରଣାକୁ ଅନୁଭବ କରିପାରୁଥିଲି ।ସେ ଯାହାକୁ ଭଲପାଇଥିଲା ତାକୁ ନିଜ ଜୀବନର ସାଥୀ ଭାବରେ ବାଛିଥିଲା। ତା'ର କଥାକୁ ବିଶ୍ୱାସ କରିଥିଲା। ତା'ର ପ୍ରତିଶ୍ରୁତିକୁ ସତ ଭାବି ନିଜ ଜୀବନର ଅନେକ ନିଷ୍ପତ୍ତି ନେଇଥିଲା। ଦୁହିଁଙ୍କ ମଧ୍ୟରେ ଘନିଷ୍ଠ ସମ୍ପର୍କ ମଧ୍ୟ ଗଢ଼ିଉଠିଥିଲା। ସେ ଭାବିଥିଲା ଯାହା ସହ ଏତେ ନିବିଡ଼ ସମ୍ପର୍କ ସେହି ମଣିଷଟି ହିଁ ଦିନେ ତା'ର ଜୀବନସାଥୀ ହେବ। ସାରା ଜୀବନ ତା'ର ହାତ ଧରି ଚାଲିବ।ପ୍ରେମରେ ଥିବାବେଳେ ତା' ପାଇଁ ସେହି ପୁଅଟି ହିଁ ଦୁନିଆ ଥିଲା। ତା'ର ଫୋନ୍ ଆସିଲେ ମନ ଖୁସି ହେଉଥିଲା, ତା'ର ମେସେଜ୍ ଆସିଲେ ମୁହଁରେ ହସ ଫୁଟୁଥିଲା। ଭବିଷ୍ୟତକୁ ନେଇ ଅନେକ ସ୍ୱପ୍ନ ଥିଲା। ଏକାଠି ଘର କରିବେ, ସୁଖଦୁଃଖ ବାଣ୍ଟିବେ, ଛୋଟ ଛୋଟ ଇଚ୍ଛା ପୂରଣ କରିବେ। ଏହି ସ୍ୱପ୍ନଗୁଡ଼ିକ ତା' ପାଇଁ କେବଳ କଳ୍ପନା ନଥିଲା ଏହା ଥିଲା ତା'ର ଆଗାମୀ ଜୀବନର ଆଶା ଥିଲା କିନ୍ତୁ ବିବାହ ପରେ ସେହି ସ୍ୱପ୍ନର ରଙ୍ଗ ଧୀରେ ଧୀରେ ଫିକା ପଡ଼ିବାକୁ ଲାଗିଲା। ଯେଉଁ ସମ୍ପର୍କରେ ଦିନେ ଜାତି, ଧର୍ମ, ପରିବାର କିଛି ବାଧା ହୋଇନଥିଲା ବିବାହ ପରେ ସେହି ସବୁ କଥା ହିଁ ପ୍ରଶ୍ନ ହୋଇ ଠିଆ ହେଲା। ଯେଉଁ ମଣିଷ ଦିନେ ତାକୁ ନିଜର ବୋଲି ଗ୍ରହଣ କରିଥିଲା ସେହି ମଣିଷ ଆଜି ତା'ର ପରିଚୟ ଓ ଜାତିକୁ ନେଇ ଅସହଜତା ପ୍ରକାଶ କରୁଥିଲା। ଯଦି ଜାତି ଏତେ ବଡ଼ କଥା ଥିଲା ତେବେ ପ୍ରେମ କରିବା ପୂର୍ବରୁ ମନେ ପଡ଼ିଲା ନାହିଁ କାହିଁକି । ଯଦି ପରିବାରର ମତ ଏତେ ଜରୁରୀ ଥିଲା ତେବେ ଜଣେ ଝିଅକୁ ଜୀବନସାଥୀ ହେବାର ସ୍ୱପ୍ନ ଦେଖାଇବା ପୂର୍ବରୁ ସତ କଥା କହିବାର ସାହସ ହେଲା ନାହିଁ କାହିଁକି।ପ୍ରେମ କରିବା ସମୟରେ ଯଦି ଦୁଇଜଣ ମଣିଷ ନିଜ ନିଜର ପରିଚୟକୁ ଗ୍ରହଣ କରିଥିଲେ ତେବେ ବିବାହ ପରେ ସେହି ପରିଚୟକୁ ନେଇ ଅପମାନ କରିବାର ଅଧିକାର କାହାକୁ ମିଳିଲା। ଜାତି ଯଦି ସମ୍ପର୍କଠାରୁ ବଡ଼ ଥିଲା ତେବେ ସେହି ସମ୍ପର୍କ ଗଢ଼ିବା ପୂର୍ବରୁ ସ୍ପଷ୍ଟ କଥା କହିବା ଉଚିତ୍ ନଥିଲା କି।

କେବଳ ଜାତି ନୁହେଁ ତା'ର ଶରୀରକୁ ନେଇ ମଧ୍ୟ ତାଚ୍ଛଲ୍ୟ କରାଯାଉଥିବା କଥା ସେ କହିଲା। ଏହା ଶୁଣି ମୋତେ ଅଧିକ କଷ୍ଟ ହେଲା। ଯେଉଁ ଶରୀରକୁ ଦିନେ ଭଲପାଇବାର ଅଂଶ କୁହାଯାଉଥିଲା ଆଜି ସେହି ଶରୀରକୁ ନେଇ ଉପହାସ କରାଯାଉଛି। ଯେଉଁ ମଣିଷ ପାଖରେ ଜଣେ ନାରୀ ନିଜକୁ ସବୁଠାରୁ ସୁରକ୍ଷିତ ମନେ କରିବା କଥା ସେହି ମଣିଷ ଯଦି ତା'ର ଆତ୍ମସମ୍ମାନକୁ ଆଘାତ ଦିଏ ତେବେ ସେ ନିଜ ମନର କଥା କାହାକୁ କହିବ। ଶରୀର କ'ଣ ମଣିଷର ଭଲପାଇବାର ଏକମାତ୍ର ମାପକାଠି। ସମୟ ସହିତ ଶରୀର ବଦଳିବ, ବୟସ ବଢ଼ିବ, ରୂପ ବଦଳିବ, ଜୀବନରେ ଅନେକ ପରିବର୍ତ୍ତନ ଆସିବ। ଆଜି ଯେଉଁ ରୂପକୁ ନେଇ ଆକର୍ଷଣ ରହିଛି କାଲି ସେଥିରେ ପରିବର୍ତ୍ତନ ଆସିବା ସ୍ୱାଭାବିକ। ଯଦି ସମ୍ପର୍କର ମୂଳଦୁଆ କେବଳ ରୂପ ଓ ଶରୀର ଉପରେ ରହିଥାଏ ତେବେ ସେହି ସମ୍ପର୍କ କେତେଦିନ ରହିପାରିବ।

ପ୍ରକୃତ ପ୍ରେମ ତ ମଣିଷର ମନ,ଚିନ୍ତାଧାରା, ସ୍ୱଭାବ ଓ ବ୍ୟକ୍ତିତ୍ୱକୁ ଗ୍ରହଣ କରିବାରେ ରହିଛି ।ଜଣେ ନାରୀର ଶରୀରକୁ ନେଇ ମନ୍ତବ୍ୟ ଦେବା ଅତି ସହଜ କିନ୍ତୁ ସେହି କଥା ତା' ମନରେ କେତେ ଗଭୀର ଆଘାତ ସୃଷ୍ଟି କରେ ତାହା ଅନେକେ ବୁଝିବାକୁ ଚାହାନ୍ତି ନାହିଁ। ହୁଏତ ସେ ବାହାରେ ହସୁଥିବ ସମସ୍ତଙ୍କ ସହ ସାଧାରଣ ଭାବେ କଥା ହେଉଥିବ କିନ୍ତୁ ମନ ଭିତରେ ନିଜକୁ ନେଇ ହୀନମନ୍ୟତାରେ ଭାଙ୍ଗିପଡୁଥିବ। ନିଜକୁ ନେଇ ପ୍ରଶ୍ନ କରୁଥିବ। ଯେଉଁ ମଣିଷକୁ ଖୁସି କରିବା ପାଇଁ ସେ ଏତେ କିଛି କରିଛି ସେହି ମଣିଷ ତାକୁ ଗ୍ରହଣ କରିପାରୁନାହିଁ କାହିଁକି ବୋଲି ଭାବୁଥିବ।ଏହା ହିଁ ସମ୍ପର୍କର ସବୁଠାରୁ ବଡ଼ ଦୁଃଖ। ନିଜ ଘରେ ରହି ମଧ୍ୟ ଜଣେ ମଣିଷ ନିଜକୁ ଅତିଥି ଭଳି ଅନୁଭବ କରିବା। ନିଜ ସ୍ୱାମୀ ପାଖରେ ରହି ମଧ୍ୟ ମନର କଥା କହିବାକୁ ଭୟ କରିବା। ନିଜ ଦୁଃଖକୁ ପ୍ରକାଶ କଲେ ପୁଣି ଅପମାନ ମିଳିବ ବୋଲି ଭାବି ଚୁପ୍ ରହିବା। ଏହା କ'ଣ ସଂସାର ନା ଏହା କେବଳ ସାମାଜିକ ଭାବରେ ଗୋଟିଏ ବିବାହିତ ସମ୍ପର୍କର ନାଁ ମାତ୍ର।

ତେବେ ଆମ ସମାଜରେ ଏକ ବିଚିତ୍ର ମାନସିକତା ଦେଖିବାକୁ ମିଳେ। ପ୍ରେମ ସମୟରେ ଅନେକ ପ୍ରତିଶ୍ରୁତି ଦିଆଯାଏ। ତୁମ ବିନା ବଞ୍ଚିପାରିବିନି, ସାରା ଜୀବନ ତୁମର ହୋଇ ରହିବି, ସବୁ ପରିସ୍ଥିତିରେ ତୁମ ସାଥିରେ ରହିବି ଭଳି କଥା ଶୁଣିବାକୁ ମିଳେ କିନ୍ତୁ ବିବାହ ପରେ ସେହି ପ୍ରତିଶ୍ରୁତିର ମୂଲ୍ୟ କେତେ ରହେ । ପ୍ରେମ ବେଳେ ଯିଏ ସବୁକିଛି ପାଇଁ ଲଢ଼ିବାକୁ ପ୍ରସ୍ତୁତ ଥାଏ ସେହି ମଣିଷ ବିବାହ ପରେ ନିଜ ସାଥୀର ସମ୍ମାନ ପାଇଁ କାହିଁକି ଠିଆ ହୋଇପାରେନାହିଁ।ବିବାହ କେବଳ ଦୁଇଟି ପରିବାରର ମିଳନ ନୁହେଁ। ଏହା ଦୁଇଟି ମଣିଷର ଜୀବନକୁ ଏକାଠି ଗଢ଼ିବାର ନିଷ୍ପତ୍ତି। ଏଥିରେ ଭଲପାଇବା ସହିତ ଦାୟିତ୍ୱ, ବୁଝାମଣା, ସହନଶୀଳତା ଓ ପାରସ୍ପରିକ ସମ୍ମାନ ରହିବା ଆବଶ୍ୟକ। ବିବାହ ପରେ ଜଣେ ନାରୀ ନୂଆ ପରିବେଶକୁ

ଯୁବଶକ୍ତିର ବିକାଶ ହିଁ ରାଷ୍ଟ୍ରର ବିକାଶ ଲକ୍ଷ ନେଇ ଛତ୍ରପୁରରେ ଯୁବୋତ୍ସବ

ବିକଶିତ ଭାରତ–୨୦୪୭ ଗଠନରେ ଯୁବପିଢ଼ିଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ

ଛତ୍ରପୁର : ଯୁବପିଢ଼ିଙ୍କ ମଧ୍ୟରେ ଥିବା ଅନ୍ତର୍ନିହିତ ପ୍ରତିଭା, କଳା, ସାହିତ୍ୟ, ସଂସ୍କୃତି ଓ ନେତୃତ୍ୱ ଦକ୍ଷତାର ବିକାଶ ଲକ୍ଷ୍ୟରେ ଛତ୍ରପୁର ସ୍ଥିତ ସରକାରୀ ବିଜ୍ଞାନ ମହାବିଦ୍ୟାଳୟ ପରିସରରେ 'ବିକଶିତ ଭାରତ ଯୁବ ନେତୃତ୍ୱ ସଂଳାପ–୨୦୨୬' ଅନ୍ତର୍ଗତ ଯୁବୋତ୍ସବ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି । ଏହି ଉତ୍ସବରେ ଛତ୍ରପୁର ବିଧାୟକ କୃଷ୍ଣଚନ୍ଦ୍ର ନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିବା ସହିତ ଯୁବଶକ୍ତିର ବିକାଶ ହେଲେ ରାଷ୍ଟ୍ରର ସାମଗ୍ରିକ ବିକାଶ ସମ୍ଭବ ହୋଇପାରିବ ବୋଲି ସେ ମତବ୍ୟକ୍ତ କରିଥିଲେ । ଯୁବପିଢ଼ିଙ୍କ ନୂତନ ଚିନ୍ତାଧାରା, ଅଭିନବ ଉଦ୍ଭାବନ ଓ ଦୃଢ଼ ଇଚ୍ଛାଶକ୍ତି ଏକ ବିକଶିତ ତଥା



ଆତ୍ମନିର୍ଭରଶୀଳ ଭାରତ ଗଠନର ମୂଳଦୁଆ ବୋଲି ସେ ମତ ରଖିଥିଲେ । ସମ୍ମାନିତ ଅତିଥି ଭାବେ ଗଞ୍ଜାମ ଜିଲ୍ଲାର ଅତିରିକ୍ତ ଜିଲ୍ଲାପାଳ ସୁନୀଲ କୁମାର କେରକେଟା ଯୋଗ ଦେଇ ଛାତ୍ର ଛାତ୍ରୀଙ୍କ ଅନ୍ତର୍ନିହିତ ପ୍ରତିଭା ଲୋକ ଲୋଚନ କୁ ଆଣିବା ପାଇଁ ସରକାରଙ୍କ ଏହି ଅଭିନବ ପଦକ୍ଷେପ । ଏଣୁ ଛାତ୍ର ଛାତ୍ରୀ ମାନେ ନିଜ ଭିତରେ ଥିବା ପ୍ରତିଟି ପ୍ରତିଭାର ପ୍ରଦର୍ଶନ କରିବାର ଆବଶ୍ୟକତା ରହିଛି ବୋଲି କହିଥିଲେ । ସେହିପରି ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସୌରଭ ପ୍ରଧାନ ଯୋଗ ଦେଇ ସ୍ୱପ୍ନ, ସମ୍ଭାବନା, ସଂଘର୍ଷ ଓ ସଫଳତା ଏହି ଅବଲୋକନରେ ନିଜ ନିଜ ପ୍ରତିଭାକୁ ପୁଷ୍ଟଟିତ କରନ୍ତୁ ବୋଲି ଛାତ୍ରଛାତ୍ରୀ ଙ୍କୁ ଆହ୍ୱାନ ଦେଇଥିଲେ । ଜିଲ୍ଲା କ୍ରୀଡ଼ା ଅଧିକାରୀ ସୁଦାମ ଚରଣ ସ୍ୱାଇଁ, ଜିଲ୍ଲା ସଂସ୍କୃତି ଅଧିକାରିଣୀ ଅଦିତି ଆଚାର୍ଯ୍ୟ, ଛତ୍ରପୁର ସରକାରୀ ବିଜ୍ଞାନ ମହାବିଦ୍ୟାଳୟର ଭାରପ୍ରାପ୍ତ ଅଧ୍ୟକ୍ଷ ଙ୍କ ସମେତ ଅନ୍ୟ ଅତିଥିମାନେ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ । ଏହି ଅବସରରେ ଦୁଇ ହଜାରରୁ ଅଧିକ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଗଞ୍ଜାମ ଜିଲ୍ଲାର ପ୍ରମୁଖ ଲୋକନୃତ୍ୟ ଦଣ୍ଡନାଚ ଠୁ ଆରମ୍ଭ କରି ଲୋକ ସଂଗୀତ, ନାଟକ, ଚିତ୍ରାଙ୍କନ ଓ କବିତା ଲେଖନ ଭଳି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା ।ସାଂସ୍କୃତିକ ଟ୍ରାକ୍‌ର ବିଷୟବସ୍ତୁ: "ବିକଶିତ ଭାରତ ପାଇଁ ନିଶାମୁକ୍ତ ଯୁବପିଢ଼ି" ରହିଥିଲା । କୃତି ଛାତ୍ରଛାତ୍ରୀ ମାନଙ୍କୁ ପୁରସ୍କୃତ କରାଯାଇଥିଲା । ଆସନ୍ତାକାଲି ମଧ୍ୟ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ । ଶିବାନନ୍ଦ ବାରିକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

୭୦ଟି ମେଢ଼ରେ ଝଲସିଲା କଟକର କାଳୀପୂଜା ଭସାଣି ଶୋଭାଯାତ୍ରା

ସୁରକ୍ଷାରେ ୬୫ ପ୍ଲାଟୁନ୍ ପୁଲିସ ମୁତୟନ



କଟକ : ଐତିହାସିକ କଟକ ସହରର ପାରମ୍ପରିକ କାଳୀପୂଜା ଭସାଣି ଉତ୍ସବ ଆଜି ଆନନ୍ଦ ଓ ଉତ୍ସାହର ସହ ଅନୁଷ୍ଠିତ ହୋଇଯାଇଛି । ସହରର ବିଭିନ୍ନ ସାହି ଓ ପୂଜା ମଣ୍ଡପରେ ପୂଜା ପାଉଥିବା ମା' କାଳୀଙ୍କ ୭୦ଟି ମେଢ଼କୁ ନେଇ ଆୟୋଜିତ ହୋଇଥିଲା ଭବ୍ୟ ଭସାଣି ଶୋଭାଯାତ୍ରା । ପାରମ୍ପରିକ ରୀତିନୀତି ଅନୁଯାୟୀ ସମସ୍ତ ମେଢ଼କୁ ପୁରୀଘାଟସ୍ଥିତ ଦେବୀଗଡ଼ାରେ ବିସର୍ଜନ କରିବା ପାଇଁ ବ୍ୟବସ୍ଥା କରାଯାଇଥିଲା । କାଳୀପୂଜାର ଅନ୍ତିମ ପର୍ବ ଭସାଣି ଉତ୍ସବକୁ ନେଇ ସକାଳୁ ସହରର ବିଭିନ୍ନ ପୂଜା ମଣ୍ଡପରେ ଚଳଚଞ୍ଚଳ ପରିବେଶ ସୃଷ୍ଟି ହୋଇଥିଲା । ମା'ଙ୍କୁ ବିଦାୟ ଦେବା ପାଇଁ ପୂଜା କମିଟିର ସଦସ୍ୟମାନେ ଶେଷ ପର୍ଯ୍ୟାୟ ପ୍ରସ୍ତୁତିରେ ଲାଗିପଡ଼ିଥିଲେ । ନିଜ ନିଜ ସାହିରୁ ସୁସଜ୍ଜିତ ମେଢ଼ ଓ ପ୍ରତିମାକୁ ନେଇ ଶୋଭାଯାତ୍ରାରେ ସାମିଲ ହୋଇଥିଲେ ବିଭିନ୍ନ ପୂଜା କମିଟି । ଦୀର୍ଘଦିନର ପରମ୍ପରା ଓ ଭକ୍ତିଭାବ ସହ ଜଡ଼ିତ ଏହି ଭସାଣି ଉତ୍ସବ କଟକର ଧାର୍ମିକ ଓ ସାଂସ୍କୃତିକ ପରିଚୟକୁ ପ୍ରତିଫଳିତ କରିଥାଏ । ଅନ୍ୟପକ୍ଷରେ, ମେଢ଼ଗୁଡ଼ିକର ସୁବିଧାଜନକ ଓ ସୁରକ୍ଷିତ ବିସର୍ଜନ ପାଇଁ ପ୍ରଶାସନ ପକ୍ଷରୁ କାଠଯୋଡ଼ି ନଦୀରେ ପୂର୍ବରୁ କୃତ୍ରିମ ପୋଖରୀ ପ୍ରସ୍ତୁତ କରାଯାଇଥିଲା । ପୁରୀଘାଟ ଦେବୀଗଡ଼ାରେ ପ୍ରତିମା ବିସର୍ଜନ ପ୍ରକ୍ରିୟାକୁ ସୁବ୍ୟବସ୍ଥିତ କରିବା ଲାଗି ଆବଶ୍ୟକୀୟ ବ୍ୟବସ୍ଥା ହୋଇଥିଲା । ଏଥିପାଇଁ ପୂଜା କମିଟିଗୁଡ଼ିକୁ ମଧ୍ୟ ପୂର୍ବରୁ ପ୍ରସ୍ତୁତ ରହିବାକୁ ଦେଖିବାକୁ ମିଳିଥିଲା । ଭସାଣି ଶୋଭାଯାତ୍ରାକୁ ଶାନ୍ତିଶୃଙ୍ଖଳାର ସହ ସମାପନ କରିବା ପାଇଁ କମିଶନରେଟ୍ ପୁଲିସ ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଥିଲା । ସମଗ୍ର କଟକ ସହରରେ ୬୫ ପ୍ଲାଟୁନ୍ ପୁଲିସ ଫୋର୍ସ ମୁତୟନ କରାଯାଇଥିଲା । ଶୋଭାଯାତ୍ରାର ଗତିବିଧି, ବିଭିନ୍ନ ରାସ୍ତାରେ ଭିଡ଼ ନିୟନ୍ତ୍ରଣ ଏବଂ ବିସର୍ଜନସ୍ଥଳର ସୁରକ୍ଷା ଉପରେ ପୁଲିସ ପ୍ରଶାସନ ପକ୍ଷରୁ ସ୍ୱତନ୍ତ୍ର ନଜର ରଖାଯାଇଥିଲା ।

କେନ୍ଦ୍ରାପଡା ବ୍ଲକସ୍ତରୀୟ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମେଳା-୨୦୨୬

କେନ୍ଦ୍ରାପଡ଼ା : କେନ୍ଦ୍ରାପଡ଼ା ପିଏମଶ୍ରୀ ଉଚ୍ଚ ବିଦ୍ୟାଳୟ ଖେଳ ପଡିଆରେ କେନ୍ଦ୍ରାପଡ଼ା ବ୍ଲକ୍ ସ୍ତରୀୟ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମେଳା-୨୦୨୬ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିଭାଗ ଏବଂ



ଜିଲ୍ଲା ପ୍ରଶାସନ ଆନୁକୂଲ୍ୟରେ ଅନୁଷ୍ଠିତ ହୋଇଯାଇଛି । ଉକ୍ତ ବ୍ଲକ୍ ସ୍ତରୀୟ ଉତ୍ସବରେ କେନ୍ଦ୍ରାପଡ଼ା ବିଧାୟକ ଗଣେଶ୍ୱର ବେହେରା ମୁଖ୍ୟଅତିଥି ଭାବେ ଯୋଗଦେଇଥିବା ବେଳେ ସମ୍ମାନନୀୟ ଅତିଥି ଭାବେ ପ୍ରାଣୀ ସମ୍ପଦ କାର୍ଯ୍ୟାଳୟ, କେନ୍ଦ୍ରାପଡ଼ା ଉପ ନିର୍ଦ୍ଦେଶକ ଡ଼ା.ତୁଷାରକାନ୍ତ ମିଶ୍ର, ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ ଡ଼ା. ଯାମିନୀ ମହାପାତ୍ର, ସହକାରୀ ମତ୍ସ୍ୟ ଅଧିକାରୀ ଆଲୋକ କୁମାର ନାଥ, କେନ୍ଦ୍ରାପଡ଼ା ମଣ୍ଡଳ ଉନ୍ନୟନ ଅଧିକାରୀ ଅଭିଷେକ ସ୍ୱାଇଁ, ସାଂସଦଙ୍କ ପ୍ରତିନିଧି ବିଚିତ୍ର ପ୍ରଧାନ, କେନ୍ଦ୍ରାପଡ଼ା ବ୍ଲକ ଉପାଧ୍ୟକ୍ଷ ପ୍ରତାପ ମହାପାତ୍ର ପ୍ରମୁଖ ଯୋଗ ଦେଇଥିଲେ । ମତ୍ସ୍ୟ ଚାଷୀ ଓ ପ୍ରାଣୀ ପାଳକ ଚାଷୀମାନଙ୍କ ପାଇଁ ରାଜ୍ୟ ସରକାର ଯେଉଁ ଯୋଜନା ଗୁଡିକ କାର୍ଯ୍ୟକାରୀ କରିଛନ୍ତି, ସେହି ଯୋଜନାର ଲାଭାର୍ଥୀ ହେବାକୁ ମୁଖ୍ୟ ଅତିଥିମତ ପ୍ରକାଶ କରିଥିଲେ । ପ୍ରାଣୀ ସମ୍ପଦ ବିଭାଗରେ କାର୍ଯ୍ୟକାରୀ ହେଉଥିବା କାମଧେନୁ ଯୋଜନା, ଛେଳି, ବତକ ଓ କୁକୁଡ଼ା ପାଳନ, ନୂତନ ଗୋଶାଳା ପ୍ରତିଷ୍ଠା ଏବଂ ମତ୍ସ୍ୟ ବିଭାଗରେ କାର୍ଯ୍ୟକାରୀ ହେଉଥିବା ମୁଖ୍ୟମନ୍ତ୍ରୀ ମତ୍ସ୍ୟଜୀବୀ କଲ୍ୟାଣ ଯୋଜନା, ଗାଁ ପୋଖରୀରେ ମତ୍ସ୍ୟ ଚାଷ ପ୍ରଭୃତି ଯୋଜନାର ସଫଳତା ସମ୍ପର୍କରେ ନିଜସ୍ୱ ମତାମତ ସେ ପ୍ରଦାନ କରିଥିଲେ । ସ୍ୱୟଂ ସହାୟକ ଗୋଷ୍ଠୀ, ଗ୍ରାମାଞ୍ଚଳର ମହିଳାମାନେ ମତ୍ସ୍ୟଚାଷୀ ଓ ପ୍ରାଣୀ ପାଳକ ଚାଷୀ ହୋଇ ନିଜର ଅର୍ଥନୈତିକ ମାନଦଣ୍ଡ ବୃଦ୍ଧି କରିବା ସହ ସଶକ୍ତ ଓଡ଼ିଶା ଗଠନରେ ଭାଗିଦାରୀ ହେବାକୁ ଅତିଥିମାନେ ମତ ପ୍ରକାଶ କରିଥିଲେ । ସଫଳ ମତ୍ସ୍ୟଚାଷୀ ଓ ପ୍ରାଣୀ ପାଳକ ଚାଷୀମାନେ ନିଜର ସଫଳତାର କାହାଣୀ ବର୍ଣ୍ଣନା କରିଥିଲେ । ସଫଳ କାହାଣୀ ଭିତ୍ତିଓ ପ୍ରଦର୍ଶନ କରାଯାଇଥିଲା । ବ୍ଲକର ବିଭିନ୍ନ ପଞ୍ଚାୟତରୁ ଚାଷୀ, ସ୍ୱୟଂ ସହାୟିକା ମହିଳା ଗୋଷ୍ଠୀମାନେ ଉକ୍ତ ଉତ୍ସବରେ ଯୋଗଦେଇ ମତ୍ସ୍ୟ ଓ ପ୍ରାଣୀସମ୍ପଦ ଯୋଜନା ସମ୍ପର୍କରେ ଖୋଲା ଯାଇଥିବା ୧୨ ଟି ପ୍ରଦର୍ଶନୀ ଷ୍ଟଲ ପରିଦର୍ଶନ କରିଥଲେ । ଉଦ୍ୟାନ କୃଷି ବିଭାଗ ପକ୍ଷରୁ ଗୋଟିଏ ଷ୍ଟଲ ମଧ୍ୟ ଖୋଲାଯାଇଥିଲା । ପ୍ରାରମ୍ଭରେ କେନ୍ଦ୍ରାପଡ଼ା ବିଧାୟକ ଗଣେଶ୍ୱର ବେହେରା ଉତ୍ସବକୁ ଶୁଭ ଉଦ୍ଘାଟନ କରିବା ସହ ବିଭିନ୍ନ ଷ୍ଟଲ ପରିଦର୍ଶନ କରିଥିଲେ ।

ନେଭି ମୁମ୍ବାଇରେ ଶ୍ରୀଜଗନ୍ନାଥ ମିତ୍ର ମଣ୍ଡଳ ପକ୍ଷରୁ ଅଖଣ୍ଡ ହରିନାମ ସଂକୀର୍ତ୍ତନ ଓ ଅଷ୍ଟପ୍ରହରୀ

ପ୍ରବାସୀ ଓଡ଼ିଆ ୟୁଟ୍ୟୁବର ତଥା ସମାଜସେବୀ ଶ୍ରୀ ତ୍ରିଲୋଚନ ସ୍ୱାଇଁ ସମ୍ମାନିତ

ନେଭି ମୁମ୍ବାଇ : ଶ୍ରୀ ଜଗନ୍ନାଥ ମିତ୍ର ମଣ୍ଡଳ, ନେଭି ମୁମ୍ବାଇ ପକ୍ଷରୁ ଗତ ତା ୦୯/୧୧/୨୦୨୬ ରିଖ ଦିନ ନେଭି ମୁମ୍ବାଇଠାରେ ଅଖଣ୍ଡ ହରିନାମ ସଂକୀର୍ତ୍ତନ ଓ ଅଷ୍ଟପ୍ରହରୀ କାର୍ଯ୍ୟକ୍ରମ ମହା ଆଡ଼ମ୍ବର ସହକାରେ ପାଳିତ ହୋଇଯାଇଛି । ମଣ୍ଡଳର ସଭାପତି ଶ୍ରୀଯୁକ୍ତ ସୁଜନ ବେହେରାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି ଆଧ୍ୟାତ୍ମିକ କାର୍ଯ୍ୟକ୍ରମଟି ଆୟୋଜିତ ହୋଇଥିଲା । ଏହି ପବିତ୍ର ଉତ୍ସବରେ ସୁନାମଧନ୍ୟ ପ୍ରବାସୀ ଓଡ଼ିଆ ୟୁଟ୍ୟୁବର ତଥା ସମାଜସେବୀ ଶ୍ରୀଯୁକ୍ତ ତ୍ରିଲୋଚନ ସ୍ୱାଇଁ ସମ୍ମାନିତ ଅତିଥି ଭାବେ ଯୋଗଦାନ କରିଥିଲେ । ସମାଜ ପ୍ରତି ତାଙ୍କର ଅତୁଳନୀୟ ସେବା ଓ ଅବଦାନ ପାଇଁ ଶ୍ରୀ ଜଗନ୍ନାଥ ମିତ୍ର ମଣ୍ଡଳ ପକ୍ଷରୁ ତାଙ୍କୁ ବିଶେଷ ଭାବେ ସମ୍ମାନିତ କରାଯାଇଥିଲା । ଏହି ଅବସରରେ ଶ୍ରୀଯୁକ୍ତ ସ୍ୱାଇଁ ଅନୁଷ୍ଠାନର ଏଭଳି ଧାର୍ମିକ କାର୍ଯ୍ୟକ୍ରମର ଭୂୟସୀ ପ୍ରଶଂସା କରିଥିଲେ । ସେ କହିଥିଲେ ଯେ, ପ୍ରବାସରେ ରହି ମଧ୍ୟ ଏଭଳି ଆଧ୍ୟାତ୍ମିକ କାର୍ଯ୍ୟକ୍ରମ ଆୟୋଜନ କରିବା ଦ୍ୱାରା ସମାଜରେ ଉତ୍ତମ ସଂସ୍କାର, ଭାଇଚାରା ଏବଂ ଆତ୍ମିକ ଶାନ୍ତି ପ୍ରତିଷ୍ଠା ହୋଇଥାଏ ।



ସେମିନାର ସ୍କୁଲ–କେଶରପୁର ରାସ୍ତା ନିର୍ମାଣ ଶେଷ, ଯାତାୟାତ ପାଇଁ ଉନ୍ମୁକ୍ତ କଲେ ମେୟର

କଟକ : କଟକ ସହରର ସେମିନାର ସ୍କୁଲ ଛକଠାରୁ କେଶରପୁର ଛକ ପର୍ଯ୍ୟନ୍ତ ଦୀର୍ଘଦିନ ଧରି ଜରାଜୀର୍ଣ୍ଣ ଅବସ୍ଥାରେ ଥିବା ରାସ୍ତାର ନବୀକରଣ କାର୍ଯ୍ୟ ଶେଷ ହୋଇଛି । ନୂତନ ରାସ୍ତା ନିର୍ମାଣ ପରେ ମେୟର ସୁବାସ ସିଂହ ଏହାକୁ ଆନୁଷ୍ଠାନିକ ଭାବେ ଜନସାଧାରଣଙ୍କ ଯାତାୟାତ ପାଇଁ ଉନ୍ମୁକ୍ତ କରିଛନ୍ତି । ଫଳରେ ଦୀର୍ଘଦିନ ଧରି ଯାତାୟାତ ସମସ୍ୟା ଭୋଗୁଥିବା ସ୍ଥାନୀୟ ଅଞ୍ଚଳବାସୀଙ୍କୁ ଆଶ୍ୱସ୍ତି ମିଳିଛି । ଏହି ରାସ୍ତାର ଦୁରବସ୍ଥା ଯୋଗୁଁ ସ୍ଥାନୀୟ ବାସିନ୍ଦା, ଛାତ୍ରଛାତ୍ରୀ, ବ୍ୟବସାୟୀଙ୍କ ସମେତ ଦୈନିକ ଯାତାୟାତ କରୁଥିବା ଲୋକମାନେ ଦୀର୍ଘଦିନ ଧରି ନାନା ସମସ୍ୟାର ସମ୍ମୁଖୀନ ହେଉଥିଲେ । ଖରାପ ରାସ୍ତା ଯୋଗୁଁ ଯାନବାହନ ଚଳାଚଳରେ ବାଧା ସୃଷ୍ଟି ହେବା ସହ ସାଧାରଣ ଲୋକଙ୍କ ଦୈନନ୍ଦିନ ଜୀବନ ମଧ୍ୟ ପ୍ରଭାବିତ ହେଉଥିଲା । ଏହି ସମସ୍ୟାର ସମାଧାନ ପାଇଁ ୨୭ ନମ୍ବର ୱାର୍ଡର କର୍ପୋରେଟର ଇତିଶ୍ରୀ ଦାସ ନିରନ୍ତର ଉଦ୍ୟମ କରିଆସୁଥିଲେ । ସ୍ଥାନୀୟ ଲୋକଙ୍କ ଅସୁବିଧାକୁ ଗୁରୁତ୍ୱ ଦେଇ କର୍ପୋରେଟର ଶ୍ରୀମତୀ ଦାସ ବାରମ୍ବାର ମେୟରଙ୍କ ଦୃଷ୍ଟି ଆକର୍ଷଣ କରିବା ସହ ରାସ୍ତାର ତୁରନ୍ତ



ନବୀକରଣ ପାଇଁ ଦାବି ଜଣାଇଥିଲେ । ଏହି ଦାବିକୁ ଗୁରୁତ୍ୱର ସହ ଗ୍ରହଣ କରି ମେୟର ସୁବାସ ସିଂହ ରାସ୍ତା ନିର୍ମାଣ ପାଇଁ ଆବଶ୍ୟକ ପଦକ୍ଷେପ ନେଇଥିଲେ । ଉଲ୍ଲେଖଯୋଗ୍ୟ ଯେ, ଏହି ରାସ୍ତାଟି କଟକ ମହାନଗର ନିଗମ ଅଧୀନରେ ନଥାଇ ପୂର୍ତ୍ତ ବିଭାଗ ଅଧୀନରେ ରହିଥିଲା । ଏହା ସତ୍ତ୍ୱେ ଜନସାଧାରଣଙ୍କ ସମସ୍ୟାର ସମାଧାନକୁ ପ୍ରାଥମିକତା ଦେଇ ମେୟର ଭୁବନେଶ୍ୱରଠାରେ ଆୟୋଜିତ ମେୟର, ମନ୍ତ୍ରୀ ଓ କମିଶନରଙ୍କ ନିର୍ଦ୍ଦେଶ ଏବଂ ନିରନ୍ତର ଅନୁସରଣ ଫଳରେ ପୂର୍ତ୍ତ ବିଭାଗ ପକ୍ଷରୁ ମାତ୍ର ୧୫ ଦିନ ମଧ୍ୟରେ ରାସ୍ତା ନିର୍ମାଣ କାର୍ଯ୍ୟ ଶେଷ କରାଯାଇଥିଲା । ରାସ୍ତା ନିର୍ମାଣ ସମ୍ପୂର୍ଣ୍ଣ ହେବା ପରେ ମେୟର ଏହାକୁ ଲୋକଙ୍କ ପାଇଁ ଉନ୍ମୁକ୍ତ କରିବା ସହ ନିର୍ଦ୍ଧାରିତ ସମୟରେ କାର୍ଯ୍ୟ ଶେଷ କରିଥିବାରୁ ପୂର୍ତ୍ତ ବିଭାଗକୁ ଧନ୍ୟବାଦ ଜଣାଇଥିଲେ । ଏହି ଅବସରରେ ମେୟର କହିଥିଲେ ଯେ, କଟକ ସହରର ସାମଗ୍ରିକ ବିକାଶ ଓ ନାଗରିକଙ୍କ ସୁବିଧା ତାଙ୍କର ପ୍ରାଥମିକତା । କୌଣସି ଜନସେବାମୂଳକ କାର୍ଯ୍ୟ ଯେଉଁ ବିଭାଗ ଅଧୀନରେ ଥାଉନା କାହିଁକି, ଲୋକଙ୍କ ସମସ୍ୟାର ସମାଧାନ ପାଇଁ ସମସ୍ତ ବିଭାଗ ମଧ୍ୟରେ ସମନ୍ୱୟ ରହିବା ଆବଶ୍ୟକ । ଜନସାଧାରଣଙ୍କ ଆବଶ୍ୟକତା ଅନୁଯାୟୀ ସମୟୋଚିତ ପଦକ୍ଷେପ ନେବା ହିଁ ଜନପ୍ରତିନିଧି ଓ ପ୍ରଶାସନର ମୁଖ୍ୟ ଦାୟିତ୍ୱ ବୋଲି ସେ ମତବ୍ୟକ୍ତ କରିଥିଲେ ।ରାସ୍ତା ଉନ୍ମୋଚନ ଅବସରରେ ୨୭ ନମ୍ବର ୱାର୍ଡର କର୍ପୋରେଟର ଇତିଶ୍ରୀ ଦାସ, ୨୨ ନମ୍ବର ୱାର୍ଡର କର୍ପୋରେଟର ଚନ୍ଦନ ଜେନା, ଆଇନଜୀବୀ ସ୍ୱଦେଶ ଦାସ, ଦେବେନ୍ଦ୍ର ପାଣିଗ୍ରାହୀ, ସ୍ଥାନୀୟ କମିଟିର ସଭାପତି ଶେଖ୍ ୟାସନ୍, ସମ୍ପାଦକ ଶେଖ୍ ଅରଫନ୍, ଶେଖ୍ ବାବୁଲା, ଶେଖ୍ ଜାନା, ଅବଦୁଲ୍ ଓସିଦ୍, ଶେଖ୍ ବଣ୍ଟିଙ୍କ ସମେତ ବହୁ ସ୍ଥାନୀୟ ମାନ୍ୟଗଣ୍ୟ ବ୍ୟକ୍ତି ଓ ଅଞ୍ଚଳବାସୀ ଉପସ୍ଥିତ ଥିଲେ । ନୂତନ ରାସ୍ତା ନିର୍ମାଣ ଦ୍ୱାରା ସେମିନାର ସ୍କୁଲ ଛକ, କେଶରପୁର ଓ ଏହାର ଆଖପାଖ ଅଞ୍ଚଳର ଯାତାୟାତ ବ୍ୟବସ୍ଥା ଅଧିକ ସୁଗମ ହେବା ସହ ସ୍ଥାନୀୟ ଲୋକଙ୍କ ଦୀର୍ଘଦିନର ଅସୁବିଧା ଦୂର ହେବ ବୋଲି ଆଶା ପ୍ରକାଶ ପାଇଛି ।

ମୃତ୍ତିକା ସ୍ୱାସ୍ଥ୍ୟ ସୁରକ୍ଷା ଓ ସ୍ଥାୟୀ କୃଷି ଉତ୍ପାଦନ ଉପରେ ସଚେତନତା ଶିବିର, ୩୦୧ ଚାଷୀଙ୍କ ଯୋଗଦାନ

କଟକ : ମାଟିର ଉର୍ବରତା ସୁରକ୍ଷା ସହ ଫସଲ ଉତ୍ପାଦନ ବୃଦ୍ଧି ଏବଂ ଚାଷୀଙ୍କ ଆୟ ବଢ଼ାଇବା ଲକ୍ଷ୍ୟରେ କେନ୍ଦ୍ରୀୟ ଧାନ ଗବେଷଣା ଅନୁଷ୍ଠାନ (ସିଆରଆରଆଇ), କଟକ ପକ୍ଷରୁ ଏକ ସଚେତନତା ଶିବିର ଓ ଆଲୋଚନାଚକ୍ର ଆୟୋଜିତ ହୋଇଛି । ଜାତୀୟ 'କ୍ଷେତ ବଞ୍ଚାଅ ଅଭିଯାନ (ରବି-୨୦୨୬)' ଅନ୍ତର୍ଗତ ଜଗତସିଂହପୁର ଜିଲ୍ଲାର କଣ୍ଡିଲୋ ଗ୍ରାମରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୋଟ ୩୦୧ ଜଣ ଚାଷୀ ଅଂଶଗ୍ରହଣ କରିଥିଲେ । କାର୍ଯ୍ୟକ୍ରମରେ ଅନୁଷ୍ଠାନର ବରିଷ୍ଠ ବୈଜ୍ଞାନିକ ଡଃ ପ୍ରକାଶ ଚନ୍ଦ୍ର ଜେନା ଓ ଡଃ ତରିତ ବରଣ ବାଗଚୀଙ୍କ ସମେତ ବୈଷୟିକ କର୍ମଚାରୀ ପ୍ରଦୀପ କୁମାର ପରିଡ଼ା ଯୋଗଦେଇ ଚାଷୀମାନଙ୍କୁ ମୃତ୍ତିକା ସ୍ୱାସ୍ଥ୍ୟର ଗୁରୁତ୍ୱ, ସନ୍ତୁଳିତ ସାର ପ୍ରୟୋଗ ଏବଂ ସମନ୍ୱିତ ପୋଷକତତ୍ତ୍ୱ ପରିଚାଳନା ସମ୍ପର୍କରେ ବୁଝାଇଥିଲେ । ଆଲୋଚନା ଚକ୍ରରେ ଧାନ ସମେତ ଅନ୍ୟାନ୍ୟ ଫସଲରେ ଆବଶ୍ୟକତା ଅନୁଯାୟୀ ସାର ପ୍ରୟୋଗ, ଜୈବିକ ସାରର ବ୍ୟବହାର ଓ ଫସଲ ଅବଶେଷର ପରିବେଶ ଅନୁକୂଳ ପରିଚାଳନା ଉପରେ ବିଶେଷ ଗୁରୁତ୍ୱ ଦିଆଯାଇଥିଲା । ମୃତ୍ତିକା ଓ ଜଳ ସମ୍ପଦର ସୁରକ୍ଷା ସହ ପରିବେଶର ସନ୍ତୁଳନ ବଜାୟ ରଖି କିପରି ଅଧିକ ଉତ୍ପାଦନ ହାସଲ କରାଯାଇପାରିବ, ସେ ନେଇ ଚାଷୀମାନଙ୍କୁ ପରାମର୍ଶ ଦିଆଯାଇଥିଲା । ଏହି ଅବସରରେ ସିଆରଆରଆଇ ପକ୍ଷରୁ ବିକଶିତ ଅଣୁଜୀବ ସମ୍ମିଶ୍ରଣ, ଏନ୍‌ଆରଆରଆଇ ଟେକ୍ ଡିକମ୍ପୋଜର ତରଳ ଜୈବ ସାର, ପତ୍ରର ରଙ୍ଗ ନିର୍ଣ୍ଣୟ ଚାର୍ଟ ଏବଂ ପ୍ରାକୃତିକ ଚାଷ ପଦ୍ଧତିର ବ୍ୟବହାର ସମ୍ପର୍କରେ ଚାଷୀମାନଙ୍କୁ ଅବଗତ କରାଯାଇଥିଲା ।



ଏହି ପ୍ରଯୁକ୍ତିଗୁଡ଼ିକର ଉପଯୋଗ ଦ୍ୱାରା ମାଟିର ଉର୍ବରତା ବଜାୟ ରଖିବା ସହ ଚାଷ ଖର୍ଚ୍ଚ କମାଇ ଚାଷୀଙ୍କ ଲାଭ ବୃଦ୍ଧି କରାଯାଇପାରିବ ବୋଲି ବୈଜ୍ଞାନିକମାନେ ମତ ଦେଇଥିଲେ । ଅନୁସୂଚିତ ଜାତି ଉପଯୋଜନା (ଏସ୍‌ସିଏସ୍‌ପି) ଅନ୍ତର୍ଗତ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଏସ୍‌ସିଏସ୍‌ପି ସଂଯୋଜକ ବିଷ୍ଣୁ ଚରଣ ଭୋଇଙ୍କ ସମେତ ଅଜୟ କୁମାର ମଲ୍ଲିକ, ବ୍ରହ୍ମାନନ୍ଦ ବେହେରା, ବିମଳ ମଲ୍ଲିକ, ବିଭୂତି ମଲ୍ଲିକ, ରବି ଦାସ, ବୈରାଗୀ ମଲ୍ଲିକ, ପ୍ରଶାନ୍ତ ମଲ୍ଲିକ, ମୋନାଲିସା ମଲ୍ଲିକ ଓ ଅଶୋକ ମଲ୍ଲିକ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

କଟକ ରେଳ ଷ ଟେସନରୁ ୨୮.୮ କେଜି ଗଞ୍ଜେଇ ଜବତ

- ଦୁଇ ଆନ୍ତଃରାଜ୍ୟ ଚାଲାଣକାରୀ ଗିରଫ
- ୧୪ ଦିନିଆ ନ୍ୟାୟିକ ହାଜତକୁ ଗଲେ ଦୁଇ ଅଭିଯୁକ୍ତ
- ଜବତ ଗଞ୍ଜେଇର ମୂଲ୍ୟ ୧୪.୪୪ ଲକ୍ଷ ଟଙ୍କା

କଟକ : ନିଶାଦ୍ରବ୍ୟ ଚୋରା ଚାଲାଣ ବିରୋଧରେ ରେଳ ସୁରକ୍ଷା ବଳ (ଆରପିଏ

ନେମାଳ ପୀଠରେ ବଡ ଅଘଟଣ
ମନ୍ଦିର ନିର୍ମାଣ ବେଳେ କ୍ରେନ୍ ଓଲଟି ୨ ଗୁରୁତର



କଟକ : କଟକ ଜିଲ୍ଲା ନେମାଳ ମହାପୁରୁଷ ଅଚ୍ୟୁତାନନ୍ଦଙ୍କ ପବିତ୍ର ପୀଠ ନେମାଳ ବଟରେ ବଡ ଅଘଟଣ । ପୀଠରେ ନୂତନ ମନ୍ଦିର ନିର୍ମାଣ ବେଳେ କାର୍ଯ୍ୟରେ ନିୟୋଜିତ କ୍ରେନ ଭାରସାମ୍ୟ ହରାଇ ଓଲଟି ପଡିବାରୁ ଦୁଇ ଜଣ ଗୁରୁତର ଆହତ ହୋଇଛନ୍ତି । ଗୁରୁତର ମାନେ ହେଲେ ପୁଷ୍ପଳତା ଗୋସ୍ୱାମୀ ଓ ଶିବ ପ୍ରସାଦ ପଣ୍ଡା । ପୁଷ୍ପଲତା ଘରେ ଥିବା ବେଳେ ପଥର ଖଣ୍ଡ ଖସି ପଡିବା ହେତୁ ତାଙ୍କ ଗୋଡ଼ରେ ମାଡ଼ ହୋଇ ସେ ଗୁରୁତର ହେବା କହିଥିବା ବେଳେ ଶିବ ପ୍ରସାଦ ପଣ୍ଡା ଗୋପୀନାଥଜିୟୁ ଠାକୁରଙ୍କ ପାଇଁ ପ୍ରସାଦ ରାନ୍ଧୁଥିବା ବେଳେ କ୍ରେନ ପଡିଯିବା ହେତୁ ଘର ଆଜବେଷ୍ଟସ ଭାଙ୍ଗି ତାଙ୍କ ଉପରେ ପଡିଯିବା ଦ୍ୱାରା ସେ ମଧ୍ୟ ଗୁରୁତରଭାବେ ଆହତ ହୋଇଛନ୍ତି । ଉଭୟଙ୍କୁ ନିଶ୍ଚିନ୍ତକୋଇଲି ସ୍ୱାସ୍ଥ୍ୟକେନ୍ଦ୍ରକୁ ଅଣାଯାଇଥିଲା ସେଠାରୁ ତାଙ୍କୁ କଟକ ବଡ଼ ମେଡ଼ିକାଲ ପଠାଯାଇଛି । ତେବେଏହି ଘଟଣା ପରେ ପୋଲିସ ତଦନ୍ତ ଜାରି ରହିଛି ବୋଲି ସାଲେପୁର ଏସ୍.ଡି.ପି.ଓ କହିଛନ୍ତି ।

ଜିଲ୍ଲାସ୍ତରୀୟ ଘରୋଇ ହିଂସା ଅଧିନିୟମ-୨୦୦୫ ସମ୍ପର୍କିତ ଦିନିକିଆ ପ୍ରଶିକ୍ଷଣ ଶିବିର



କେନ୍ଦ୍ରାପଡ଼ା : ରାଜ୍ୟ ସରକାରଙ୍କ ମହିଳା ଓ ଶିଶୁ ବିକାଶ ବିଭାଗ ସହଯୋଗିତା ଏବଂ ଜିଲ୍ଲା ସମାଜ ମଙ୍ଗଳ ବିଭାଗ ଆନୁକୂଲ୍ୟରେ ଜିଲ୍ଲା ଯୋଜନା ଓ ପର୍ଯ୍ୟାଲୋଚନା ଏକକ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଘରୋଇ ହିଂସାରୁ ମହିଳାମାନଙ୍କୁ ସୁରକ୍ଷା ଅଧିନିୟମ- ୨୦୦୫ ଉପରେ ଏକ ଦିନିଆ ଜିଲ୍ଲା ସ୍ତରୀୟ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି । ମହିଳା ସଶକ୍ତିକରଣ ଜିଲ୍ଲା ସଂଯୋଜକ ଲଲାଟେନ୍ଦୁ ଭୋଇଙ୍କ ପରିଚାଳନାରେ ଅନୁଷ୍ଠିତ ଏହି ପ୍ରଶିକ୍ଷଣ ଶିବିରରେ ରିସୋର୍ସପର୍ସନ ଭାବରେ ବରିଷ୍ଠ ଆଇନଜୀବୀ ତଥା ପ୍ରାକ୍ତନ ପବ୍ଲିକ ପ୍ରସିକ୍ୟୁଟର ଭୀମସେନ ଭୂୟାଁ ଯୋଗଦେଇ ଜଣେ ମହିଳା ନିର୍ଯ୍ୟାତନାର ଶିକାର ହେବା ପରେ କିଭଳି ଜିଲ୍ଲା ସମାଜମଙ୍ଗଳ ବିଭାଗର ମହିଳା ସୁରକ୍ଷା ଅଧିକାରୀ ତାଙ୍କୁ ଆବଶ୍ୟକ ସୁରକ୍ଷା ଯୋଗାଇଦେବା ସହ ଆଇନଗତ ମହିଳାମାନଙ୍କ ପାଇଁ ଥିବା ଆଇନଗତ ଅଧିକାର, ମହିଳାଙ୍କୁ ସୁବିଧା ଯୋଗାଇ ଦେଉଥିବା ଅଧିକାର ଏବଂ ମହିଳାମାନଙ୍କ ସୁରକ୍ଷା ନିମନ୍ତେ ଥିବା ସମସ୍ତ ସରକାରୀ ଆଇନ, ଯୋଜନା ଓ ସଂସ୍ଥା ବିଷୟରେ ମଧ୍ୟ ଆଲୋଚନା କରାଯାଇଥିଲା । ଏଥିରେ ଅତିରିକ୍ତ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ ଯୋଗଦେଇ ବକ୍ତବ୍ୟ ରଖିଥିଲେ । ଏହି ଅବସରରେ ପ୍ରଶିକ୍ଷାର୍ଥୀ ମହିଳାମାନେ ମତବ୍ୟକ୍ତ କରିଥିଲେ ଯେ ଘରୋଇ ହିଂସାର ଶିକାର ହେଉଥିବା ମହିଳାମାନଙ୍କୁ ଆଇନରେ ଥିବା ୯୦ଦିନ ମଧ୍ୟରେ କୋର୍ଟରେ ବିଚାର ଶେଷ ହୋଇପାରୁନାହିଁ ଏବଂ ଏଥିନିମନ୍ତେ ବର୍ଷ ବର୍ଷ ଧରି ସମୟ ଲାଗୁଥିବାରୁ ପିଡିତାମାନେ ଆବଶ୍ୟକ ସାମାଜିକ ସୁରକ୍ଷା ପାଇପାରୁନାହାନ୍ତି । ତେଣୁ ଜିଲ୍ଲାରେ ଏହି ମାମଲା ଗୁଡିକର ବିଚାର କରିବା ପାଇଁ ସରକାର ଏକ ସ୍ୱତନ୍ତ୍ର ଜେଏମଏଫସିଙ୍କ କୋର୍ଟ ଖୋଲିବାକୁ ଦାବି କରିଥିଲେ । ଏଥିରେ ପ୍ରୋଗ୍ରାମ ଅଫିସର ଭାରତୀ ବେହେରା ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ମହିଳା ସୁରକ୍ଷା ଅଧିକାରୀ ସବିତାରାଣୀ ସିଂ ଧନ୍ୟବାଦ ଅର୍ପଣ କରିଥିଲେ । ଶିବିରରେ ସମସ୍ତ ସିଡିପିଓ, ସୁପରଭାଇଜର, ମହିଳା ଓ ଶିଶୁ ଡେସ୍କର ପୋଲିସ ଅଧିକାରୀ, ସ୍ୱାସ୍ଥ୍ୟ, ଶକ୍ତିସଦନ ଓ ୱାନଷ୍ଟପ୍ ସେଣ୍ଟରର ପ୍ରତିନିଧିମାନେ ଯୋଗଦେଇ ପ୍ରଶିକ୍ଷଣ ନେଇଥିଲେ ।

ରବି ଚାଷ ପାଇଁ ଚାଷୀଙ୍କୁ ମିଳିବ ବିଭିନ୍ନ କିସମର ବିହନ



ଗଜପତି : ଗଜପତି ଜିଲ୍ଲାରେ ରବି ଋତୁ ଚାଷ ପାଇଁ ଚାଷୀଙ୍କୁ ଯୋଗାଇ ଦିଆଯିବ ବିଭିନ୍ନ ପ୍ରକାରର ବିହନ । ଧାନ ଅମଳ ପରେ ଖାଲି ପଡ଼ି ରହୁଥିବା ଜମିର ସଦୁପଯୋଗ କରିବା ଲକ୍ଷ୍ୟରେ ଡାଲି ଜାତୀୟ ଓ ତୈଳବୀଜ ଜାତୀୟ ଫସଲ ଚାଷ ପାଇଁ ଚାଷୀଙ୍କୁ ଉତ୍ସାହିତ କରାଯିବ । ଏଥିପାଇଁ କୃଷି ବିଭାଗ ପକ୍ଷରୁ ବିଭିନ୍ନ କିସମର ବିହନ ଯୋଗାଇ ଦେବାର ବ୍ୟବସ୍ଥା କରାଯାଉଛି । ଏହି ପଦକ୍ଷେପ ଦ୍ୱାରା ଜମିର ଉତ୍ପାଦନ କ୍ଷମତା ବୃଦ୍ଧି ପାଇବା ସହ ଡାଲି ଓ ତୈଳବୀଜ ଫସଲର ଉତ୍ପାଦନ ବଢ଼ିବ । ଏଥିସହ ଚାଷୀମାନେ ଅତିରିକ୍ତ ଫସଲ ଅମଳ କରି ଆର୍ଥିକ ଭାବେ ଲାଭବାନ ହୋଇପାରିବେ । ଧାନ ଚାଷ ପରେ ଜମିକୁ ପଡ଼ିଆ ନରଖି ଦ୍ୱିତୀୟ ଫସଲ ଚାଷ କରିବା ଦିଗରେ ଏହି ପଦକ୍ଷେପ ସହାୟକ ହେବ । ଏହାଦ୍ୱାରା ଗଜପତି ଜିଲ୍ଲାରେ ରବି ଫସଲ ଚାଷର ପରିସର ବୃଦ୍ଧି ପାଇବା ସହ ଚାଷୀଙ୍କ ଆୟ ବଢ଼ିବା ଆଶା କରାଯାଉଛି ।

ବାଲ୍ୟ ବିବାହ ନିଷେଧ ଅଧିନିୟମ ସମ୍ପର୍କରେ ଜିଲ୍ଲାସ୍ତରୀୟ ପ୍ରଶିକ୍ଷଣ ଶିବିର

କେନ୍ଦ୍ରାପଡ଼ା: ବାଲ୍ୟ ବିବାହ ନିଷେଧ ଅଧିନିୟମ ସମ୍ପର୍କରେ ବାଲ୍ୟ ବିବାହ ନିଷେଧ ଅଧିକାରୀଙ୍କ ଏକ ଜିଲ୍ଲା ସ୍ତରୀୟ ଏକ ଦିବସୀୟ ପ୍ରଶିକ୍ଷଣ ଶିବିର ଜିଲ୍ଲା ଯୋଜନା ଓ ପର୍ଯ୍ୟାଲୋଚନା ଏକକ କାର୍ଯ୍ୟାଳୟ ସଭାଗୃହରେ ଜିଲ୍ଲା ସମାଜମଙ୍ଗଳ ବିଭାଗ ପକ୍ଷରୁ ରାଜ୍ୟ ସରକାରଙ୍କ ମହିଳା ଓ ଶିଶୁ ବିକାଶ ବିଭାଗ ସହଯୋଗରେ ଅନୁଷ୍ଠିତ ହୋଇଯାଇଛି । ମହିଳା ସଶକ୍ତିକରଣ ଜିଲ୍ଲା ସଂଯୋଜକ ଲଲାଟେନ୍ଦୁ ଭୋଇଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି ପ୍ରଶିକ୍ଷଣ ଶିବିରରେ ବରିଷ୍ଠ ଆଇନଜୀବୀ ଭୀମସେନ ଭୂୟାଁ ଆଇନ ବିଶେଷଜ୍ଞ ଭାବେ ଯୋଗଦେଇ କହିଲେ ବାଲ୍ୟ ବିବାହ ସମାଜ ପାଇଁ କ୍ଷତିକାରକ । ଝିଅର ବୟସ ୧୮ ବର୍ଷ ଓ ପୁଅର ବୟସ ୨୧ ବର୍ଷ ହେଲେ ସେମାନେ ପରସ୍ପର ସହିତ ବିବାହ କରିପାରିବେ । ଏହାଠୁ କମ ବୟସ ହୋଇଥିଲେ ଆଇନ ଅନୁଯାୟୀ ଦଣ୍ଡିତ ହେବେ । ଏଥିସହିତ ବାଲ୍ୟ ବିବାହ ନିଷେଧ ଆଇନର ବିଭିନ୍ନ ଧାରା ଉପରେ ସେ ବିଶେଷ ଭାବେ ଆଲୋଚନା କରିଥିଲେ । ପଞ୍ଚାୟତ ସ୍ତରରେ ଥିବା ବାଲ୍ୟ ବିବାହ ନିଷେଧ ଅଧିକାରୀ(ସିଏମପିଓ)ମାନେ ଏଥିପ୍ରତି ବିଶେଷ ଦୃଷ୍ଟି ଦେବାକୁ ସେ ପରାମର୍ଶ ଦେଇଥିଲେ । ଶିଶୁ ମଙ୍ଗଳ ସମିତି ଅଧ୍ୟକ୍ଷା ସ୍ୱାଗତିକା ପାତ୍ର ଅନ୍ୟତମ ପ୍ରଶିକ୍ଷକ ଭାବେ ଯୋଗଦେଇ ଜିଲ୍ଲାରେ ହେଉଥିବା କେତେକ ବାଲ୍ୟ ବିବାହ ସମ୍ପର୍କରେ କୌଣସି ରିପୋର୍ଟ ହେଉନଥିବା ବେଳେ ପ୍ରକୃତ ଘଟଣା ସମ୍ପର୍କରେ କିଛି ଜଣାପଡୁନି । ତେଣୁ ଗ୍ରାମ୍ୟ ସୁରକ୍ଷା କମିଟି, ପଞ୍ଚାୟତ ସୁରକ୍ଷା କମିଟି ଗୁଡିକ ଏସମ୍ପର୍କରେ ଖବର ମିଳିଲେ ତୁରନ୍ତ ବ୍ଲକ ସୁରକ୍ଷା କମିଟିକୁ ଜଣାଇବା ସହ ଥାନାରେ ଅଭିଯୋଗ କରିବାକୁ ପରାମର୍ଶ ଦେଇଥିଲେ । ପ୍ରୋଗ୍ରାମ ଅଫିସର ଭାରତୀ ବେହେରା ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ମହିଳା ସୁରକ୍ଷା ଅଧିକାରୀ ସବିତାରାଣୀ ସିଂ ଧନ୍ୟବାଦ ଅର୍ପଣ କରିଥିଲେ । ଏହି ଶିବିରରେ ବିଭିନ୍ନ ପଞ୍ଚାୟତର ନିର୍ବାହୀ ଅଧିକାରୀ, ବିଭିନ୍ନ ବ୍ଲକର ସିଡିପିଓ, ସୁପରଭାଇଜର, ଶକ୍ତିସଦନ, ୱାନଷ୍ଟପ ସେଣ୍ଟରର ପ୍ରତିନିଧିଙ୍କ ସମେତ ଅନୁସୂଚିତ ଜାତି ଏବଂ ଜନଜାତି ଛାତ୍ରୀନିବାସର ଅଧୀକ୍ଷିକା, ଚାଇଲ୍ଡ ଫଣ୍ଡ ଇଣ୍ଡିଆ ଓ ଉତ୍କଳ ସେବକ ସମାଜର ପ୍ରତିନିଧି, ମହିଳା ଓ ଶିଶୁ ଡେସ୍କ ଦାୟିତ୍ୱରେ ଥିବା ପୋଲିସ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ ।



୩୨ତମ ରାଜ୍ୟସ୍ତରୀୟ ବିଲିୟାର୍ଡ୍ସ ଓ ସ୍ନୁକର ଚାମ୍ପିୟନସିପ୍ ଉଦ୍‌ଯାପିତ

ଉଭୟ ସିନିୟର ବିଭାଗରେ ଆଶୁତୋଷ ପାଢ଼ୀଙ୍କୁ ଡବଲ୍ ଟାଇଟଲ୍

କଟକ : ରାଜ୍ୟରେ ବିଲିୟାର୍ଡ୍ସ ଓ ସ୍ନୁକର କ୍ରୀଡ଼ାର ପ୍ରଚାରପ୍ରସାର ସହ ରାଜ୍ୟର ନୂତନ କ୍ରୀଡ଼ା ପ୍ରତିଭାଙ୍କୁ ଉତ୍ସାହିତ କରିବା ଉଦ୍ଦେଶ୍ୟରେ ଆୟୋଜିତ ୩୨ତମ ଅଲ୍ ଓଡ଼ିଶା ବିଲିୟାର୍ଡ୍ସ ଓ ସ୍ନୁକର ଜୁନିୟର ଏବଂ ସିନିୟର ଷ୍ଟେଟ୍ ରାଙ୍କିଂ ଚାମ୍ପିୟନସିପ୍ ଉଦ୍‌ଯାପିତ ହୋଇଛି । ଏହି ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ୭୩ ଜଣ ଖେଳାଳି ଅଂଶଗ୍ରହଣ କରି ନିଜର କ୍ରୀଡ଼ା ନୈପୁଣ୍ୟ ଓ ଦକ୍ଷତା ପ୍ରଦର୍ଶନ କରିଥିଲେ । ଉଭୟ ସିନିୟର ସ୍ନୁକର ଓ ବିଲିୟାର୍ଡ୍ସ ବିଭାଗରେ ଆଶୁତୋଷ ପାଢ଼ୀ ଚାମ୍ପିୟନ ହୋଇ ଡବଲ୍ ଟାଇଟଲ୍ ହାସଲ କରିଛନ୍ତି । ବିଲିୟାର୍ଡ୍ସ ଆଣ୍ଡ ସ୍ନୁକର ଆସୋସିଏସନ୍ ଅଫ୍ ଓଡ଼ିଶା ପକ୍ଷରୁ ଆୟୋଜିତ ଏହି ଚାମ୍ପିୟନସିପ୍‌ର ପ୍ରଥମ ପର୍ଯ୍ୟାୟ ଭୁବନେଶ୍ୱରସ୍ଥିତ ୬ ପକେଟ୍ ସ୍ନୁକରଠାରେ ଅନୁଷ୍ଠିତ ହୋଇଥିବାବେଳେ ଦ୍ୱିତୀୟ ପର୍ଯ୍ୟାୟ କଟକର ସିଡିଏ ସେକ୍ଟର-୧୦ସ୍ଥିତ ଗୋଲଡ୍ଲେନ୍ ସ୍ନୁକରଠାରେ ଆୟୋଜିତ ହୋଇଥିଲା ।

ସିନିୟର ସ୍ନୁକର ବିଭାଗରେ ଆଶୁତୋଷ ପାଢ଼ୀ ପ୍ରଥମ ସ୍ଥାନ ହାସଲ କରିଥିବାବେଳେ ସୁବ୍ରତ ଦାସ ଦ୍ୱିତୀୟ ଓ ରାକେଶ ରୋଶନ ପ୍ରଧାନ ତୃତୀୟ ସ୍ଥାନରେ ରହିଥିଲେ । ସେହିପରି ସିନିୟର ବିଲିୟାର୍ଡ୍ସ ବିଭାଗରେ ମଧ୍ୟ ଆଶୁତୋଷ ପାଢ଼ୀ ଚାମ୍ପିୟନ ହୋଇଥିବାବେଳେ ସୁବ୍ରତ ଦାସ ଦ୍ୱିତୀୟ ଓ ବିଶେଷ ସିଙ୍ଗଲ ତୃତୀୟ ସ୍ଥାନ ହାସଲ କରିଥିଲେ । ମହିଳା ବିଭାଗରେ ଏନ୍. ଶୁଭାଙ୍ଗୀ ରାଓ ପ୍ରଥମ ଓ ଆନନ୍ଦିତା ଦାସ ଦ୍ୱିତୀୟ ସ୍ଥାନ ଅଧିକାର କରିଥିଲେ । ଜୁନିୟର ସ୍ନୁକର/ବିଲିୟାର୍ଡ୍ସ ବିଭାଗରେ ବିଶେଷ ସିଙ୍ଗଲ ଚାମ୍ପିୟନ, ତ୍ରିବିକ୍ରମ ଗୁଇନ୍ ରନର୍ସ-ଅପ୍ ଏବଂ ଆଜଲାନ୍ ଅଲୀ ତୃତୀୟ ସ୍ଥାନ ହାସଲ କରିଥିଲେ । ଉଦ୍‌ଯାପନୀ ତଥା ପୁରସ୍କାର ବିତରଣୀ ସମାରୋହରେ ଆସୋସିଏସନ୍‌ର ସଭାପତି ତାର ରଞ୍ଜନ ପଟ୍ଟନାୟକ ଯୋଗଦେଇ ପ୍ରତିଯୋଗିତାରେ ଭାଗ ନେଇଥିବା ସମସ୍ତ ଖେଳାଳିଙ୍କୁ ଅଭିନନ୍ଦନ ଜଣାଇଥିଲେ । ବିଭିନ୍ନ ବର୍ଗର ଚାମ୍ପିୟନ ଓ ଉପବିଜେତାମାନେ ନିୟମିତ ଅଭ୍ୟାସ ଜାରି ରଖି ଜାତୀୟସ୍ତରୀୟ ପ୍ରତିଯୋଗିତାରେ ଓଡ଼ିଶାର ପ୍ରତିନିଧିତ୍ୱ କରିବା ସହ ସଫଳତା ହାସଲ କରନ୍ତୁ ବୋଲି ସେ ଆହ୍ୱାନ ଦେଇଥିଲେ ।



ସମାରୋହରେ ଆସୋସିଏସନ୍‌ର ସମ୍ପାଦକ ସମୀର ଅଲୀ, ଟୁର୍ଣ୍ଣାମେଣ୍ଟ ଡାଇରେକ୍ଟର ତଥା ଏକ୍‌ଜିକ୍ୟୁଟିଭ୍ ଗୋବିନ୍ଦ ପ୍ରସାଦ ଶର୍ମା ଏବଂ ଜି.କେ. ସ୍ନୁକର କାଫେ କ୍ଲବ୍‌ର ମାଲିକ ଜ୍ଞାନ ରଞ୍ଜନ ବେହେରା ଉପସ୍ଥିତ ଥିଲେ । ଖେଳାଳିମାନଙ୍କ ଉପସ୍ଥିତିରେ ବିଜେତା ଓ ଉପବିଜେତାଙ୍କୁ ପୁରସ୍କୃତ କରାଯାଇଥିଲା । ଏହି ଚାମ୍ପିୟନସିପ୍ ରାଜ୍ୟର ଅଭିଜ୍ଞ ଓ ଉଦୀୟମାନ ଖେଳାଳିଙ୍କୁ ଏକ ମଞ୍ଚରେ ନିଜ ଦକ୍ଷତା ପ୍ରଦର୍ଶନ କରିବାର ସୁଯୋଗ ଦେଇଥିବାବେଳେ ଆଗାମୀ ଦିନରେ ଜାତୀୟସ୍ତରରେ ଓଡ଼ିଶାର ଖେଳାଳିମାନେ ଉନ୍ନତ ପ୍ରଦର୍ଶନ କରିବେ ବୋଲି ଆଶା ପ୍ରକାଶ ପାଇଛି ।

ମହିଳା ଅଣ୍ଡର-୨୩ ଟି-୨୦ ଟ୍ରଫି ପାଇଁ ରାଜକୋଟ ଗଲା ଓଡ଼ିଶା ଦଳ, ଅଲିପ୍ସା ବିଶ୍ୱାଳ ଅଧିନାୟିକା

କଟକ : ବିସିସିଆଇର ଘରୋଇ କ୍ରିକେଟ୍ ସିଜିନ୍ ୨୦୨୬-୨୭ ଅନ୍ତର୍ଗତ ମହିଳା ଅଣ୍ଡର-୨୩ ଟି-୨୦ ଟ୍ରଫିରେ ଭାଗ ନେବା ପାଇଁ ୧୭ ଜଣିଆ ଓଡ଼ିଶା ମହିଳା ଅଣ୍ଡର-୨୩ କ୍ରିକେଟ୍ ଦଳ ଗୁଜରାଟର ରାଜକୋଟ ଗସ୍ତ କରିଛି । ଅଲିପ୍ସା ବିଶ୍ୱାଳ ଦଳର ଅଧିନାୟିକା ଭାବେ ଦାୟିତ୍ୱ ତୁଲାଇବେ । ଓଡ଼ିଶା କ୍ରିକେଟ୍ ଆସୋସିଏସନ୍ (ଓସିଏ) ପକ୍ଷରୁ ଜାରି ବିଜ୍ଞପ୍ତି ଅନୁଯାୟୀ, ଦଳରେ ଅନନ୍ୟା ମିଶ୍ର, ଆଞ୍ଜେଲ ରାଜ, ଅଙ୍କିତା ଗିରି, ଦିବ୍ୟା ରାଉତରାୟ, ଜ୍ୟୋତି କୁମାରୀ ପ୍ରସାଦ, କଲ୍ଲାନସୀ ଧୃତିୟା, ଲକ୍ଷ୍ମୀ ଯାଦବ, ପ୍ରିୟଙ୍କରୀ ମୁଦୁଲି, ଏସ୍.ବି. ଲରେନ୍ସ, ସାଇ କ୍ରିପା, ଶାରଦା ମହାନନ୍ଦ, ଶ୍ରେୟା ପ୍ରିୟଦର୍ଶିନୀ, ସୁଚିସ୍ମିତା ପଣ୍ଡା, ସୁଲଗ୍ନା ନାୟକ, ତନୁୟୀ ବେହେରା ଓ ମିତାଲି ଶର୍ମା ସ୍ଥାନ ପାଇଛନ୍ତି । ଦଳର ମୁଖ୍ୟ ପ୍ରଶିକ୍ଷକ ଭାବେ ସ୍ୱାଗତିକା ରଥ ଏବଂ ସହକାରୀ ପ୍ରଶିକ୍ଷକ ଭାବେ ସୁବେନ୍ଦୁ କେ. ସାମଲ ଦାୟିତ୍ୱରେ ରହିଛନ୍ତି । ମଞ୍ଜୁଷା ତ୍ରିବେଦୀ ମ୍ୟାନେଜର, ନଫିଶା ନେହା ସବନମ୍ ଫିଜିଓ, ବିନୁ ସାହୁ ଷ୍ଟ୍ରେଙ୍ଥ ଆଣ୍ଡ କଣ୍ଡିସନିଂ କୋଚ୍ ଏବଂ ଗାୟତ୍ରୀ ବେହେରା ଭିଡିଓ ଆନାଲିଷ୍ଟ ଭାବେ ଦଳ ସହ ରହିଛନ୍ତି । କାର୍ଯ୍ୟସୂଚୀ ଅନୁଯାୟୀ, ଓଡ଼ିଶା ନଭେମ୍ବର ୧୪ ତାରିଖରେ ହିମାଚଳ ପ୍ରଦେଶ ବିପକ୍ଷରେ ପ୍ରଥମ ମ୍ୟାଚ୍ ଖେଳିବ । ଏହାପରେ ନଭେମ୍ବର ୧୫ରେ ଆସାମ, ୧୭ରେ ମୁମ୍ବାଇ, ୧୯ରେ ଆନ୍ଧ୍ର ଏବଂ ୨୧ ତାରିଖରେ ତ୍ରିପୁରାକୁ ଭେଟିବ । ପ୍ରଥମ ଚାରିଟି ମ୍ୟାଚ୍ ରାଜକୋଟର ସାନୋସାରା କ୍ରିକେଟ୍ ଗ୍ରାଉଣ୍ଡ-ଏ'ରେ ଖେଳାଯିବାକୁ ଥିବାବେଳେ ତ୍ରିପୁରା ବିପକ୍ଷ ମ୍ୟାଚ୍ ସାନୋସାରା କ୍ରିକେଟ୍ ଗ୍ରାଉଣ୍ଡ-ବି'ରେ ଅନୁଷ୍ଠିତ ହେବ । ଓସିଏର ସମସ୍ତ କର୍ମକର୍ତ୍ତା ଓ ସଦସ୍ୟ ଆଗାମୀ ପ୍ରତିଯୋଗିତା ପାଇଁ ଓଡ଼ିଶା ଦଳକୁ ଶୁଭେଚ୍ଛା ଜଣାଇବା ସହ ସଫଳତା କାମନା କରିଛନ୍ତି ।



ହିନ୍ଦୋଳ ବନବିଭାଗର ଗଜସାଥି ତାଲିମ ପ୍ରଶିକ୍ଷଣ ଶିବିର



ଢେଙ୍କାନାଳ : ଢେଙ୍କାନାଳ ଜିଲ୍ଲା ବନଖଣ୍ଡ ଅଧୀନ ହିନ୍ଦୋଳ ବନାଞ୍ଚଳ କାର୍ଯ୍ୟାଳୟରେ ଏକ ଗଜସାଥୀ ତାଲିମ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି । ହିନ୍ଦୋଳ ବନାଞ୍ଚଳ ଅଧିକାରୀ ତ୍ରିଲୋଚନ ଦେହୁରୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ବନବିଭାଗ କାର୍ଯ୍ୟାଳୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ଢେଙ୍କାନାଳ ଏସିଏଫ କୋଶିଶ ବେହେରା, ପରିବେଶବିତ୍ତ ବିଜୟ କୁମାର ଦାସ,ଅରବିନ୍ଦ ମାଝୀ,ଢେଙ୍କାନାଳ ଏଫଇଏସ ଜଗନ୍ନାଥ ନାୟକ ଓ ତାଙ୍କ ସହଯୋଗୀଙ୍କ ସମେତ ସମସ୍ତ ଗଜସାଥୀ, ବନବିଭାଗ କର୍ମଚାରୀ ଯୋଗଦେଇଥିଲେ । ତେବେ କାର୍ଯ୍ୟକ୍ରମରେ ମୁଖ୍ୟତଃ ହାତୀ ମାନଙ୍କ ସମ୍ବନ୍ଧରେ ଅନେକ ମୂଲ୍ୟବାନ ତଥ୍ୟପ୍ରଦାନ ସହିତ ହାତୀମାନଙ୍କ ଗତିବିଧି, ଖାଦ୍ୟପାନୀୟ, ସ୍ୱାସ୍ଥ୍ୟ ଓ ବିଭିନ୍ନପ୍ରକାର ହାତୀମାନଙ୍କ ସମ୍ପର୍କରେ ତଥ୍ୟ ପ୍ରଦାନ ସହିତ କିପରି ହାତୀ ମାନଙ୍କ ସୁରକ୍ଷା କରିହେବ ଓ ହାତୀ ମାନଙ୍କଠାରୁ ଜନସାଧାରଣ ସୁରକ୍ଷିତ ରହିବେ,ବିଭିନ୍ନ ସମସ୍ୟା ଓ ଅପରାଧ ପାଇଁ ଏଥିପାଇଁ ଜଙ୍ଗଲ ଆଇନରେ କଣକଣ ଆଇନ ରହିଛି ଅତିଥିମାନେ ବହୁ ସୁନ୍ଦରଭାବରେ ଉପସ୍ଥାପନା କରିଥିଲେ । ତେବେ ଏହିପରି ଏକ ମୂଲ୍ୟବାନ କାର୍ଯ୍ୟକ୍ରମପାଇଁ ରେଞ୍ଜର ତ୍ରିଲୋଚନ ଦେହୁରୀଙ୍କ ଉଦ୍ୟମ ପ୍ରଶଂସନୀୟ ବୋଲି ଜନସାଧାରଣ ମତ ଦେଇଛନ୍ତି ।

ନିଶାମୁକ୍ତ ସମାଜ ଗଠନ ପାଇଁ ଆଇଜିଙ୍କ ଆହ୍ୱାନ

କଟକ : ନିଶାମୁକ୍ତ ସମାଜ ଗଠନ କେବଳ ପୁଲିସ ପ୍ରଶାସନର ଦାୟିତ୍ୱ ନୁହେଁ, ଏହା ପ୍ରତ୍ୟେକ ନାଗରିକ, ପରିବାର ଓ ସମାଜର ସାମୂହିକ ଦାୟିତ୍ୱ । ଆସନ୍ତୁ, ଆମେ ସମସ୍ତେ ହାତରେ ହାତ ମିଶାଇ ନିଶାରୂପୀ ରାକ୍ଷସ କବଳରୁ ଆମ ସମାଜକୁ ମୁକ୍ତ କରିବା ବୋଲି ଆହ୍ୱାନ ଦେଇଛନ୍ତି ସେଣ୍ଟ୍ରାଲ ରେଞ୍ଜ ଆଇଜି ଡଃ ସତ୍ୟଜିତ ନାୟକ, ଆଇପିଏସ୍ । ସେ କହିଛନ୍ତି, ନିଶା କେବଳ ଜଣେ ବ୍ୟକ୍ତିର ଜୀବନକୁ ନଷ୍ଟ କରେ ନାହିଁ, ବରଂ ଏହା ପରିବାରର ଶାନ୍ତି, ଆର୍ଥିକ ସ୍ଥିତି, ସାମାଜିକ ସମ୍ପର୍କ ଓ ଯୁବପିଢ଼ିର ଭବିଷ୍ୟତକୁ ମଧ୍ୟ ଗଭୀର ଭାବେ ପ୍ରଭାବିତ କରେ । ନିଶାସକ୍ତି ଯୋଗୁଁ ଅନେକ ପରିବାରରେ ଅଶାନ୍ତି, ହିଂସା, ଅପରାଧ ଓ ଆର୍ଥିକ ସମସ୍ୟା ଦେଖାଦେଉଛି । ବିଶେଷକରି ଯୁବସମାଜ ନିଶାର ଜାଲରେ ପଡ଼ି ନିଜର ମୂଲ୍ୟବାନ ଜୀବନ ଓ ସୁନ୍ଦର ଭବିଷ୍ୟତକୁ ଅନ୍ଧକାର ଆଡ଼କୁ ଠେଲି ଦେଉଛନ୍ତି । ତେଣୁ ନିଶା ବିରୋଧୀ ଲଢ଼େଇକୁ ଏକ ସାମାଜିକ ଆନ୍ଦୋଳନରେ ପରିଣତ କରିବା ଆବଶ୍ୟକ ।



ଡଃ ନାୟକ କହିଛନ୍ତି, ନିଶା କାରବାରକୁ ରୋକିବା, ନିଶା ବେପାରୀଙ୍କ ବିରୋଧରେ କଠୋର ଆଇନଗତ ପଦକ୍ଷେପ ନେବା ସହ ଯୁବପିଢ଼ିଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ପୁଲିସର ପ୍ରମୁଖ ଦାୟିତ୍ୱ । ଏଥିସହିତ ଅଭିଭାବକ, ଶିକ୍ଷକ, ଶିକ୍ଷାନୁଷ୍ଠାନ, ସ୍ୱେଚ୍ଛାସେବୀ ସଂଗଠନ, ଯୁବକ ସଂଘ ଓ ସାମାଜିକ କର୍ମୀମାନେ ଏହି ଅଭିଯାନରେ ସକ୍ରିୟ ସହଯୋଗ କରିବା ଉଚିତ । ପିଲାମାନଙ୍କ ସହ ନିୟମିତ ଆଲୋଚନା, ନିଶାର କୁପରିଣାମ ସମ୍

ଡେରାବିଶ ବ୍ଲକର ଆର୍ଥିକ ଅନିୟମିତତା
ଚଞ୍ଚକତା ଓ ଅଚଳାବସ୍ଥାର ପ୍ରତିବାଦରେ ଚାଷୀଶ୍ରମିକ ସଙ୍ଘର ରଣହୁଙ୍କାର


କେନ୍ଦ୍ରାପଡ଼ା: କେନ୍ଦ୍ରାପଡା ଜିଲ୍ଲାର ଡେରାବିଶ ବ୍ଲକର ଆର୍ଥିକ ଅନିୟମିତତା, ଚଞ୍ଚକତା ଓ ଅଚଳାବସ୍ଥାର ପ୍ରତିବାଦରେ ଚାଷୀ ଶ୍ରମିକସଙ୍ଘ ପକ୍ଷରୁ ରଣହୁଙ୍କାର ଦିଆଯିବା ସହିତ ଆଜି ଜିଲ୍ଲାପାଳଙ୍କୁ ଏକ ୯ଦଫା ସମ୍ବଳିତ ଦାବିପତ୍ର ପ୍ରଦାନ କରାଯାଇଛି । ସେହି ଦାବିପତ୍ରରେ ଉଲ୍ଲେଖ ରହିଛି ଯେ ଆଜକୁ ଦୀର୍ଘ ଦିନ ହେବ ଡେରାବିଶ ବ୍ଲକର କାର୍ଯ୍ୟ ଧାରା ସମ୍ପୂର୍ଣ୍ଣ ବ୍ୟାହତ ସ୍ୱାଭିମାନ ଭୂଲୁଣ୍ଠିତ ଓ ଅସାଧୁ କର୍ମଚାରୀଙ୍କ କଳା କାରନାମା ସମଗ୍ର ଜିଲ୍ଲାରେ ଓ ଜିଲ୍ଲା ବାହାରେ ସର୍ବତ୍ର ଚର୍ଚ୍ଚିତ ଓ ଯେଉଁଥି ପାଇଁ ଡେରାବିଶ ବ୍ଲକ ବାସୀ ଆଜି ବ୍ୟଥିତ, ଚିନ୍ତିତ ଓ ମର୍ମାହତ । ଯେଉଁ ବ୍ଲକ କେନ୍ଦ୍ରାପଡ଼ା ଜିଲ୍ଲାରେ ସର୍ବାଗ୍ର ଗଣ୍ୟ ଥିଲା ତାହା ଆଜି ଘୃଣ୍ୟ, ନଗନ୍ୟ ଓ ବିବିଦମାନ ବ୍ଲକ୍ ରେ ପରିଣତ ହୋଇଛି । ଚାଷୀ ଶ୍ରମିକ ସଂଘ ଦୀର୍ଘ ଦିନ ହେବ ବ୍ଲକ୍‌ର କାର୍ଯ୍ୟ ଶୈଳୀ ଉପରେ ତୀକ୍ଷ୍ଣ ଦୃଷ୍ଟି ରଖିବା ପରେ ଏବେ ପ୍ରତିବାଦର ସ୍ୱର ଉତ୍ତୋଳନ କରିଛି ଏବଂ ବ୍ଲକ୍‌ର ସ୍ୱାଭିମାନ ଫେରାଇ ଆଣିବା ପାଇଁ ରଣ ହୁଙ୍କାର ଦେଇଛି । ରାଜ୍ୟ ସରକାର ଓ ଜିଲ୍ଲା ପ୍ରଶାସନ ନିକଟରେ ସଂଘ ସମସ୍ୟାର ତୁରିତ ସମାଧାନ ପାଇଁ ଦୃଢ଼ ଦାବୀ ଉପସ୍ଥାପନ କରିଛି । ଯଦି ସାତ ଦିନ ମଧ୍ୟରେ ସମସ୍ୟାର ସମାଧାନ କରାନଯାଏ ଓ ବ୍ଲକ୍‌ର କୁଚ୍ଛା ରଟନା ଜାରି ରହେ ତେବେ ସଂଘ ରଣ ହୁଙ୍କାର ଦେବାକୁ ବାଧ ହେବ । ତୁରନ୍ତ ବିପର୍ଯ୍ୟସ୍ତ ବ୍ଲକ୍ କାର୍ଯ୍ୟକୁ ସ୍ୱାଭାବିକ କରାଯାଉ ଓ ଜନ ସାଧାରଣଙ୍କ ସେବା ଜାରି ରହୁ । ଯେଉଁ କର୍ମଚାରୀ ମହାଦୁର୍ନୀତିରେ ଲିପ୍ତ ଅଛନ୍ତି ସେମାନଙ୍କ ବିରୁଦ୍ଧରେ ଦୃଷ୍ଟାନ୍ତ



ମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ । ଯେଉଁ କର୍ମଚାରୀ ମାନେ ବ୍ଲକ୍‌ର ଗ୍ରାମୀଣ ଗୃହ ନିର୍ମାଣ ବିଭାଗରେ ରହି ଅନ୍ତୋଦୟ ଗୃହ ଓ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଚଞ୍ଚକତା କରି ପଇସା ଖାଇ ଏଠାରୁ ବଦଳି ହୋଇଛନ୍ତି ସେମାନଙ୍କ ବିରୁଦ୍ଧରେ ବିଭାଗୀୟ ତଦନ୍ତ କରାଯିବା ସହ ଉପରୋକ୍ତ ଯୋଜନାର ସ୍ୱଚ୍ଛତା ବଜାୟ ରହୁ । ବ୍ଲକ୍‌ରେ ଥିବା କମ୍ପ୍ୟୁଟର ପ୍ରୋଗ୍ରାମର ବହୁ ପରିମାଣର ଅର୍ଥ ହଡ଼ପ କରି ନିଲମ୍ବନ ହୋଇଛନ୍ତି । ତାଙ୍କ ବିରୁଦ୍ଧରେ କାର୍ଯ୍ୟନୁଷ୍ଠାନ ଗ୍ରହଣ କରା ନ ଯିବାର ରହସ୍ୟ କଣ ସାଧାରଣ ବଣ୍ଟନ ବ୍ୟବସ୍ଥାରେ ଓ ରାସନ୍ କାର୍ଡ କରିବାରେ ସ୍ୱଚ୍ଛତା ଅବଲମ୍ବନ କରାଯାଉ ଓ ଦୁର୍ନୀତି ଗ୍ରସ୍ତ କର୍ମଚାରୀଙ୍କୁ ତୁରନ୍ତ ହଟାଯାଉ । ସାଧାରଣ ଲୋକଙ୍କୁ ରାସନ୍‌କାର୍ଡ ଦେବା ପାଇଁ ଓ ନୂଆ ରାସନ୍‌କାର୍ଡ କରିବା ପାଇଁ ଲାଞ୍ଚ ନେବା ବନ୍ଦ ହେଉ ଏବଂ ଏହା ଉପରେ ଉଚ୍ଚ କର୍ତ୍ତୃପକ୍ଷ ଙ୍କ ନଜର ରହୁ । ଲୋକଙ୍କ ପାଇଁ ଆସୁଥିବା ସରକାରଙ୍କ ସାଧାରଣ ଯୋଜନାର ସଫଳ ରୂପାୟନ ହେଉ ଓ ସ୍ୱଚ୍ଛତା ରକ୍ଷା କରା ଯାଉ । ବ୍ଲକ୍‌ରେ ଗତ ଅକ୍ଟୋବର ୧୫ ତାରିଖ ଠାରୁ ଆଜି ପର୍ଯ୍ୟନ୍ତ ଲାଗି ରହିଥିବା ଗୋଳ କନ୍ଦଳ ତଥା ଅବ୍ୟବସ୍ଥାର ତୁରନ୍ତ ସମାଧାନ କରାଯାଉ ଏବଂ ସାଧାରଣ ଲୋକଙ୍କ କାର୍ଯ୍ୟ ବାଧାପ୍ରାପ୍ତ ନହେଉ । ଡେରାବିଶ ବ୍ଲକ ବିଗତ ୮-୯ ଆର୍ଥିକ ବର୍ଷରେ ଜନ କଲ୍ୟାଣ କାର୍ଯ୍ୟ ପାଇଁ ସମଗ୍ର ଓଡ଼ିଶାରେ ପ୍ରଥମ ସ୍ଥାନ ଅଧିକାର କରି ପୁରସ୍କୃତ ହୋଇଥିଲା । ସେହି ବ୍ଲକ୍ ଏବେ ଦୁର୍ନୀତିର ଦୁର୍ଗମ ଗିରି ହୋଇ ସମଗ୍ର ଓଡ଼ିଶାରେ ସମାଲୋଚିତ, ଉପହସିତ ଓ ଚର୍ଚ୍ଚିତ କଣ ପାଇଁ ଜବାବ୍ ଦିଆଯାଉ ! ଏପରି ଅରାଜକତା ଓ କର୍ମଚାରୀଙ୍କ ସ୍ୱେଚ୍ଛା ଚାରିତା ପାଇଁ ଉଚ୍ଚ କର୍ତ୍ତୃପକ୍ଷଙ୍କ ଉଦାସୀନତା ଅନେକ ପରିମାଣର ଦାୟୀ ଓ ଯାହାର ପରିଣାମ ଆଜି ସମଗ୍ର ବ୍ଲକ୍ ବାସୀଙ୍କୁ ଭୋଗିବାକୁ ପଡୁଛି ବୋଲି ଅଭିଯୋଗ କରାଯାଇଛି । ଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ ବେଳେ ସଙ୍ଘର ସଭାପତି ପଣ୍ଡିତ ଶରତ ଚନ୍ଦ୍ର ମିଶ୍ର, ସରୋଜକାନ୍ତ ସାହୁ, କୃତିବାସ ଦାସ, ଭରତ ଚରଣ ସିଂ, ଗୋବିନ୍ଦ ଚନ୍ଦ୍ର ବାରିକ, ଅନନ୍ତ ଭୂୟାଁ ପ୍ରମୁଖ ଉପସ୍ଥିତ ଥିଲେ ।

ଝରାନିଖୋଲ ଗ୍ରାମରେ କାଦୁଅ ପଚପଚ ସଡ଼କ

ନୂଆପଡ଼ା : ଜିଲ୍ଲା ଉପାନ୍ତ ବ୍ଲକ ବୋଡ଼େନ ବ୍ଲକ ଲିଟିସର୍ଗି ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ଝରାନିଖୋଲ ଗ୍ରାମରେ କାଦୁଅ ପଚ ପଚ ସଡ଼କ, କଂକ୍ରିଟ ସଡ଼କ ନିର୍ମାଣ ନେଇ ଦାବୀ କରିଛନ୍ତି । ଗତ ସୋମବାର ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଥିବା ବେଳେ ଗ୍ରାମବାସୀ ମାନେ ଏହି ସଡ଼କ ନିର୍ମାଣ ଦାବୀ ନେଇ ତାଙ୍କୁ ଅଭିଯୋଗ ପତ୍ର ପ୍ରଦାନ କରିଛନ୍ତି । ତୁରନ୍ତ ସଡ଼କ ନିର୍ମାଣ ନେଇ ଜିଲ୍ଲାପାଳ



କଂକ୍ରିଟ ସଡ଼କ ନିର୍ମାଣ ନେଇ ଦାବି

ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଭାରତ ସ୍ୱାଧୀନତା ର ଦିର୍ଘ୍ଘ ବର୍ଷ ଅତିକ୍ରମ କରିଥିବା ବେଳେ ଗାଁ ର ଅବସ୍ଥା ଯଥା ପୂର୍ବ ତଥା ପରମ ଅଟେ । ଗାଁ ବିକଶିତ ହେଲେ ଜିଲ୍ଲା ବିକଶିତ ହେବ । ଜିଲ୍ଲା ବିକଶିତ ହେଲେ ରାଜ୍ୟ ବିକଶିତ ହେବ । ଆବଶ୍ୟକ ପଦକ୍ଷେପ ନୈତିକ ଦାୟିତ୍ୱ ଭାବି କାର୍ଯ୍ୟ କରିବାକୁ ଅନୁରୋଧ ।

କେନ୍ଦ୍ରାପଡା ଗ୍ରାମ୍ୟ ଉନ୍ନୟନ ଡିଭିଜନରେ ଖାଲି ଥିବା ପଦବୀ ପୁରଣ ଓ ବହୁ ବର୍ଷ ଧରି ଥିବା କର୍ମଚାରୀଙ୍କୁ ବଦଳି ଦାବି

କେନ୍ଦ୍ରାପଡ଼ା : କେନ୍ଦ୍ରାପଡା ଗ୍ରାମ୍ୟ ଉନ୍ନୟନ ଡିଭିଜନ-୨ରେ ଖାଲି ପଡିଥିବା ପଦବୀକୁ ପୁରଣ କରାଯିବା ସହ ଦୀର୍ଘବର୍ଷ ଧରି ଏହି ଡିଭିଜନ କାର୍ଯ୍ୟାଳୟରେ ଥିବା ଅଧିକାରୀ ଓ କର୍ମଚାରୀମାନଙ୍କୁ ତୁରନ୍ତ ବଦଳି କରାଯିବାକୁ ଜିଲ୍ଲାପାଳଙ୍କ ନିକଟରେ ଦାବି କରାଯାଇଛି । କେନ୍ଦ୍ରାପଡା ଜିଲ୍ଲା ଆଳି ବ୍ଲକ ଅନ୍ତର୍ଗତ ମହୁ ଗ୍ରାମର ପଦ୍ମନାଭ ଆଚାର୍ଯ୍ୟଙ୍କ ପୁଅ ଦୁଷ୍ମନ୍ତ ନାରାୟଣ ଆଚାର୍ଯ୍ୟ ଜିଲ୍ଲାପାଳଙ୍କ ନିକଟରେ କରିଥିବା ଲିଖିତ ଅଭିଯୋଗ ଅନୁଯାୟୀ ସୂଚନା ଅଧିକାର ଆଇନ ବଳରେ ପ୍ରଦାନ କରାଯାଇଥିବା ତଥ୍ୟ କହୁଛି ଯେ କେନ୍ଦ୍ରାପଡ଼ା ଗ୍ରାମ୍ୟ ଉନ୍ନୟନ (ଆରଡି) ଡିଭିଜନ-୨ରେ ବହୁ ପଦବୀ ଦୀର୍ଘ ବର୍ଷ ଧରି ଖାଲି ପଡ଼ିରହିଛି । ଫଳରେ ବିଭାଗୀୟ କାର୍ଯ୍ୟ ସମ୍ପାଦନରେ ଗୁରୁତର ବ୍ୟାଘାତ ସୃଷ୍ଟି ହେଉଛି । ଅନ୍ୟପକ୍ଷରେ ଉକ୍ତ କାର୍ଯ୍ୟାଳୟରେ ଅନେକ ଅଧିକାରୀ ଓ କର୍ମଚାରୀମାନେ ଦୀର୍ଘବର୍ଷ ଧରି ଗୋଟିଏ ସ୍ଥାନରେ କାର୍ଯ୍ୟରତ ଅଛନ୍ତି । ଫଳରେ ସେମାନେ ବିଭିନ୍ନ ଅନିୟମିତତା କରିବା ସହିତ ନିଜ ମାନମାନିରେ ଅଫିସ ଚଳାଉଛନ୍ତି । ତଥ୍ୟ ଅନୁଯାୟୀ କନିଷ୍ଠଯନ୍ତ୍ରୀ ସମୀରରଞ୍ଜନ ବେହେରା ପ୍ରାୟ ୯ ବର୍ଷ ହେବ ଏଠାରେ ରହିଥିବା ବେଳେ, କନିଷ୍ଠଯନ୍ତ୍ରୀ ଜ୍ୟୋତିର୍ମୟୀ ଦଳାଇ ୭ ବର୍ଷ ୨ ମାସରୁ ଉର୍ଦ୍ଧ୍ୱ ହେବ ଅଛନ୍ତି, କନିଷ୍ଠଯନ୍ତ୍ରୀ ପ୍ରଜ୍ଞା ପରମିତା କରଶର୍ମା ପ୍ରାୟ ୫ ବର୍ଷ ୧ ମାସରୁ ଉର୍ଦ୍ଧ୍ୱ ରହିଛନ୍ତି, ସହକାରୀ ନିର୍ବାହୀ ଯନ୍ତ୍ରୀ ଲକ୍ଷ୍ମୀକାନ୍ତ ରାଉତ ପ୍ରାୟ ୬ ବର୍ଷ ହେବ ରହିଥିବା ବେଳେ, ସହକାରୀ ନିର୍ବାହୀ ଯନ୍ତ୍ରୀ ବିକାଶ ଚନ୍ଦ୍ର ଗାଣ ପ୍ରାୟ ୪ ବର୍ଷ ହେବ ଅଛନ୍ତି, ସେହିପରି କ୍ଲର୍କ ପରୀକ୍ଷିତ ଦାସ ୬ ବର୍ଷ ୪ ମାସରୁ ଉର୍ଦ୍ଧ୍ୱ, କ୍ଲର୍କ ସୁକାନ୍ତି ଦାସ ୬ ବର୍ଷ ୪ ମାସରୁ ଉର୍ଦ୍ଧ୍ୱ, କ୍ଲର୍କ ଅଲେନୁର ଖାନ ୬ ବର୍ଷ ୮ ମାସରୁ ଉର୍ଦ୍ଧ୍ୱ, କ୍ଲର୍କ ବିଶ୍ୱନାଥ ମହାକୁଳ ୬ ବର୍ଷ ୬ ମାସରୁ ଉର୍ଦ୍ଧ୍ୱ, କ୍ଲର୍କ ସୁବାସ ଚନ୍ଦ୍ର ବିଶ୍ୱାଳ ୫ ବର୍ଷରୁ ଉର୍ଦ୍ଧ୍ୱ, କ୍ଲର୍କ ଧରେନ୍ଦ୍ର ବେହୁରା ୪ ବର୍ଷ ୫ ମାସରୁ ଉର୍ଦ୍ଧ୍ୱ ହେବ ଏଠାରେ ରହିଛନ୍ତି । ଯାହା ସରକାରୀ ନୀତି ନିୟମକୁ ସମ୍ପୂର୍ଣ୍ଣ ଉଲ୍ଲଙ୍ଘନ କରୁଛି । ଏମାନେ ଗୋଟିଏ କାର୍ଯ୍ୟାଳୟରେ ଦୀର୍ଘ ବର୍ଷ ଧରି ଅବସ୍ଥାପିତ ରହିବା ଫଳରେ ପ୍ରଶାସନିକ ସ୍ୱଚ୍ଛତା ଓ ନିରପେକ୍ଷତା ପ୍ରତି ପ୍ରଶ୍ନ ଉଠିଥିବା ବେଳେ ଏହି କାର୍ଯ୍ୟାଳୟରେ ଅନିୟମିତତା ଓ ଦୁର୍ନୀତି ଚରମ ସୀମାରେ ପହଞ୍ଚିଛି । ସେହିପରି କେନ୍ଦ୍ରାପଡ଼ା ଗ୍ରାମ୍ୟ ଉନ୍ନୟନ ଡିଭିଜନ-୧ରେ ମଧ୍ୟ ଅନେକ ପଦବୀ ଦୀର୍ଘବର୍ଷ ଧରି ଖାଲି ପଡ଼ିରହିଥିବା ବେଳେ ଦୀର୍ଘ ବର୍ଷ ଧରି ଗୋଟିଏ ସ୍ଥାନରେ ଅବସ୍ଥାପିତ ଥିବା ଅଧିକାରୀ ଓ କର୍ମଚାରୀମାନେ ନିଜର ମାନମାନି ଚଳାଉଛନ୍ତି । ଗ୍ରାମ୍ୟ ଉନ୍ନୟନ (ଆରଡି) ଡିଭିଜନ-୧ କାର୍ଯ୍ୟାଳୟକୁ ସୂଚନା ଅଧିକାର ଆଇନ ବଳରେ ସୂଚନା ପ୍ରଦାନ ନିମତ୍ତ ଆବେଦନ କରାଯାଇଥିଲେ ମଧ୍ୟ ଆବଶ୍ୟକୀୟ ସୂଚନା ସମୟସୀମା ମଧ୍ୟରେ ଓ ସମ୍ପୂର୍ଣ୍ଣ ଭାବେ ପ୍ରଦାନ କରାଯାଉନଥିବା ଅଭିଯୋଗ ହୋଇଛି । ଉପରୋକ୍ତ ଅଭିଯୋଗର ଏକ ଉଚ୍ଚସ୍ତରୀୟ ତଦନ୍ତ ପୂର୍ବକ ଦାୟୀ ଅଧିକାରୀଙ୍କ ବିରୋଧରେ ଦୃଢ଼ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାକୁ ଅଭିଯୋଗକାରୀ ଶ୍ରୀ ଆଚାର୍ଯ୍ୟ ଜିଲ୍ଲାପାଳଙ୍କ ନିକଟରେ ଦାବି କରିଛନ୍ତି । ଏଥିସହିତ କେନ୍ଦ୍ରାପଡ଼ା ଆରଡି ଡିଭିଜନ-୧ ଏବଂ ୨ରେ ଖାଲି ପଡ଼ିଥିବା ସମସ୍ତ ପଦବୀର ତଥ୍ୟ ଯାଞ୍ଚ କରାଯାଇ ତୁରନ୍ତ ଆବଶ୍ୟକୀୟ ନିଯୁକ୍ତି ବ୍ୟବସ୍ଥା କରାଯିବା, ଦୀର୍ଘବର୍ଷ ଧରି ଗୋଟିଏ ସ୍ଥାନରେ ରହିଥିବା ଉପରୋକ୍ତ ୧୧ ଜଣ ଅଧିକାରୀ ଓ କର୍ମଚାରୀଙ୍କୁ ତୁରନ୍ତ ବଦଳି କରାଯିବା ଏବଂ ଏହି କାର୍ଯ୍ୟାଳୟ ଦ୍ୱୟରେ ଦୀର୍ଘଦିନ ଧରି ଚାଲିଥିବା ଅନିୟମିତତା ଓ ଦୁର୍ନୀତି ସମ୍ପର୍କରେ ନିରପେକ୍ଷ ତଦନ୍ତ କରାଯିବାକୁ ଅଭିଯୋଗକାରୀ ଶ୍ରୀ ଆଚାର୍ଯ୍ୟ ଦାବି କରିଛନ୍ତି ।

ସଖୀବଟ ନୂତନ ଟ୍ରଷ୍ଟବୋର୍ଡର ଶପଥ ଗ୍ରହଣ ଉତ୍ସବ

କେନ୍ଦ୍ରାପଡ଼ା: ସଖୀବଟ ମହାପୁରୁଷ ପୀଠରେ ଆଜି ନୂତନ ଟ୍ରଷ୍ଟବୋର୍ଡ ଶପଥ ଗ୍ରହଣ କରିଛନ୍ତି । ଟ୍ରଷ୍ଟି ସୁବନୀ ସାହୁଙ୍କ ସହିତ ଅନ୍ୟ ସଦସ୍ୟମାନେ ଶପଥ ପାଠ କରିଛନ୍ତି । ସେମାନେ ହେଉଛନ୍ତି ଦିଲ୍ଲିପ କୁମାର ସାହୁ, ପ୍ରତାପ କୁମାର ନାୟକ, ପ୍ରଭାତ ଜେନା, କ୍ଷୀରୋଦ ପଣ୍ଡା, ତୀର୍ଥବାସୀ ପଣ୍ଡା, ପତିତପାବନ ବିଶ୍ୱାଳ, ବୈଷ୍ଣବ ସ୍ୱାଇଁ, ବାବୁଲି ଖଟୁଆ, ଦୀନବନ୍ଧୁ ସ୍ୱାଇଁ, ସମୀର ବିଶ୍ୱାଳ, ବିଜୟ ସାହୁ ଓ ସନ୍ଦୀପ ବେହେରା ପ୍ରମୁଖ । ଉକ୍ତ ଉତ୍ସବରେ ସମ୍ମାନିତ ଅତିଥି ଭାବେ ପ୍ରମୋଦ କୁମାର ରଥ, ଉମାକାନ୍ତ ପତି, ଶ୍ରୀଚରଣ ସାମଲ, ରମଣୀରଞ୍ଜନ ରାଉତରାୟ,



ଆଦିକନ୍ଦ ରାଉଳଙ୍କ ସମେତ ଅଞ୍ଚଳର ବହୁ ମାନ୍ୟଗଣ୍ୟ ବ୍ୟକ୍ତି, ଭକ୍ତ ଓ ଶ୍ରଦ୍ଧାଳୁମାନେ ଉପସ୍ଥିତ ଥିଲେ । ସଖୀବଟ କ୍ଷେତ୍ରର ଉନ୍ନତି ନିମନ୍ତେ ସମସ୍ତେ ନିସ୍ୱାର୍ଥପର ଭାବରେ ସେବା କରିବା ସହିତ ଯାହାକୁ ଯାହା ଦାୟିତ୍ୱ ନ୍ୟସ୍ତ କରାଯିବ ତାହା ନିଷ୍ଠା ଏବଂ ଆଗ୍ରହର ସହିତ ସମ୍ପାଦନ କରିବାକୁ ସଭ୍ୟମାନେ ସଙ୍କଳ୍ପ ନେଇଥିଲେ ।

ସରପଞ୍ଚ ଚାମେଲି ଓଝାଙ୍କ ପରିବାର ଓ ପ୍ରତିପକ୍ଷ ମଧ୍ୟରେ ମାରପିଟ୍

ଉଭୟ ପକ୍ଷ ଆହତ, ଥାନାରେ ଦୁଇଟି ମାମଲା

କେନ୍ଦ୍ରାପଡ଼ା : ମହାକାଳପଡ଼ା ବ୍ଲକ୍ ଅନ୍ତର୍ଗତ ଡିଖିରୀ ଗ୍ରାମରେ ରବିବାର ଅପରାହ୍ନରେ ଦୁଇ ଗୋଷ୍ଠୀ ମଧ୍ୟରେ ଘଟିଥିବା ତୀବ୍ର ରକ୍ତାକ୍ତ ସଂଘର୍ଷ ଏବେ ସ୍ଥାନୀୟ ଅଞ୍ଚଳରେ ଚାଞ୍ଚଲ୍ୟ ଖେଳାଇ ଦେଇଛି । ଏହି ଗୋଷ୍ଠୀ ମାରପିଟ୍ ଘଟଣାରେ ପଞ୍ଚାୟତର ଚର୍ଚ୍ଚିତ ସରପଞ୍ଚ ଚାମେଲି ଓଝାଙ୍କ ପରିବାରବର୍ଗ ଏବଂ ଗ୍ରାମର ଅନ୍ୟ ଏକ ପକ୍ଷ ମଧ୍ୟରେ ହିଂସାତ୍ମକ ଆକ୍ରମଣ ଓ ପ୍ରତିଆକ୍ରମଣ ଘଟି ଉଭୟ ପକ୍ଷରୁ ଏକାଧିକ ବ୍ୟକ୍ତି ଗୁରୁତର ଆହତ ହୋଇଛନ୍ତି । ଘଟଣାକୁ କେନ୍ଦ୍ର କରି ଉଭୟ ପକ୍ଷ ପରସ୍ପର ବିରୋଧରେ ସଙ୍ଗିନ ଅଭିଯୋଗ ଆଣି ମାର୍ଶାଘାଇ ଥାନାରେ ପୃଥକ୍ ଏତଲା ଦାୟର କରିଛନ୍ତି । ସରପଞ୍ଚ ଚାମେଲି ଓଝା ଥାନାରେ ଦେଇଥିବା ଲିଖିତ ଅଭିଯୋଗ ଅନୁଯାୟୀ ରବିବାର ଅପରାହ୍ନ ସମୟରେ ତାଙ୍କ ସାନଭାଇ ସ୍ମୃତିକାନ୍ତ ଘର ନିକଟରେ ଛିଡ଼ା ହୋଇଥିବା ବେଳେ ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଗ୍ରାମର ଆଶିଷ ସେଠୀ ନାମକ ଜଣେ ଯୁବକ ତାଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିଥିଲେ । ଏହାର ପ୍ରତିବାଦ କରିବାରୁ ଆଶିଷ ତାଙ୍କୁ ଆକ୍ରମଣ କରିଥିଲେ । ପରବର୍ତ୍ତୀ ସମୟରେ ତାଙ୍କ ଭାଇ ନିକଟସ୍ଥ ଏକ ଦୋକାନକୁ ଯାଇଥିବା ବେଳେ ଆଶିଷ ଓ ଦେବାଶିଷ ସେଠୀ ମିଳିତ ଭାବେ ତାଙ୍କ ଉପରେ ପୁନର୍ବାର ଆକ୍ରମଣ କରିଥିଲେ । ଏହି ଖବର ପାଇ ଚାମେଲିଙ୍କ ପରିବାର ସଦସ୍ୟ ସେଠାରେ ପହଞ୍ଚିବା ପରେ ସେମାନଙ୍କ ଉପରକୁ ମଧ୍ୟ ସଂଘବଦ୍ଧ ଭାବେ ଆକ୍ରମଣ କରାଯାଇଥିଲା । ଏହି ଆକ୍ରମଣ ଯୋଗୁଁ ଚାମେଲିଙ୍କ ବାପା ନିରଞ୍ଜନଙ୍କ ମୁହଁ ଓ ଆଖିରେ ଗଭୀର ଆଘାତ ଲାଗିଥିବା ବେଳେ ଭାଇ ସୂର୍ଯ୍ୟକାନ୍ତଙ୍କ ମୁଣ୍ଡ ଫାଟି ରକ୍ତାକ୍ତ ହୋଇଛି । ଉଭୟଙ୍କୁ ଗୁରୁତର ଅବସ୍ଥାରେ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିବା ବେଳେ ସେମାନେ ଚିକିତ୍ସାଧିନ ଅଛନ୍ତି । ଅପରପକ୍ଷରେ ଦେବାଶିଷ ସେଠୀ ମଧ୍ୟ ମାର୍ଶାଘାଇ ଥାନାରେ ସରପଞ୍ଚଙ୍କ ପରିବାର ବିରୋଧରେ ପାଲଟା ଏତଲା ଦାୟର କରି ଏକ ଭିନ୍ନ ଅଭିଯୋଗ ଆଣିଛନ୍ତି । ଦେବାଶିଷଙ୍କ ଅଭିଯୋଗ ମୁତାବକ ତାଙ୍କର ଏକ ଡ୍ରିଲ୍ ମେସିନ୍ ଚୋରି ହୋଇଯାଇଥିଲା ଏବଂ ଚାମେଲିଙ୍କ ଭାଇ ଏହାକୁ ଚୋରି କରି ନେଇଥିବା ସନ୍ଦେହରେ ସେ ପଚରାଉଚରା କରିଥିଲେ । ଏହାକୁ ନେଇ ବିବାଦ ଉପୁଜିବାରୁ ଚାମେଲିଙ୍କ ଭାଇ ସୂର୍ଯ୍ୟକାନ୍ତ, ବାପା ନିରଞ୍ଜନ, ସ୍ମୃତିରଞ୍ଜନ ଏବଂ ଅନ୍ୟ ଜଣେ ଯୁବକ ଗଜେନ୍ଦ୍ର ମିଶି ତାଙ୍କ ଉପରେ ଅତର୍କିତ ଆକ୍ରମଣ କରିଥିଲେ । ଲୁହା ରଡ୍‌ରେ ପ୍ରହାର କରାଯିବାରୁ ତାଙ୍କ ମୁଣ୍ଡ ଫାଟି ଯାଇଛି ଏବଂ ସେ ଗୁରୁତର ଆହତ ହୋଇଥିବା ନେଇ ଦେବାଶିଷ ତାଙ୍କ ଅଭିଯୋଗରେ ଉଲ୍ଲେଖ କରିଛନ୍ତି । ଏ ସମ୍ପର୍କରେ ମାର୍ଶାଘାଇ ଥାନାଧିକାରୀ ତପନ ନାୟକ ସୂଚନା ଦେଇ କହିଛନ୍ତି ଯେ ଉଭୟ ପକ୍ଷଙ୍କ ପକ୍ଷରୁ ପୃଥକ୍ ଏତଲା ଗ୍ରହଣ କରାଯାଇ ମାମଲା ରୁଜୁ ହୋଇଛି । ପୋଲିସ ଘଟଣାର ନିରପେକ୍ଷ ତଦନ୍ତ ଆରମ୍ଭ କରିଛି ଏବଂ ତଦନ୍ତ ପରେ ଯେଉଁମାନେ ଦୋଷୀ ସାବ୍ୟସ୍ତ ହେବେ, ସେମାନଙ୍କ ବିରୋଧରେ ଆଇନଗତ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ । ଗ୍ରାମରେ ଉତ୍ତେଜନା ଲାଗି ରହିଥିବାରୁ ପୋଲିସ ପରିସ୍ଥିତି ଉପରେ ତୀକ୍ଷ୍ଣ ନଜର ରଖିଛି ।

ଅସହାୟ ପ୍ରଶାନ୍ତଙ୍କୁ କେନ୍ଦ୍ରାପଡ଼ା କ୍ରେଡିଟ୍ ଅପରେଟିଭ୍‌ର ସହାୟତା



ନିଶ୍ଚିନ୍ତକୋଇଲି (ରାଜଭୂମି ମିଡ଼ିଆ) : କଟକ ଜିଲ୍ଲା ନିଶ୍ଚିନ୍ତକୋଇଲି ବ୍ଲକ୍ ଅନ୍ତର୍ଗତ ଅସୁରେଶ୍ୱର ପଞ୍ଚାୟତ ଅଣସରପୁର ଗ୍ରାମର ରତ୍ନାକର ସାହୁଙ୍କ ପୁଅ ପ୍ରଶାନ୍ତ ବାହାରେ ରହୁଥିଲେ । ସେଠାରେ ସେ ମସ୍ତିଷ୍କଜନିତ ରୋଗରେ ଆକ୍ରାନ୍ତ ହୋଇଥିଲେ । ତାଙ୍କ ସ୍ୱାସ୍ଥ୍ୟବୀମା କାର୍ଡରୁ ସମ୍ପୂର୍ଣ୍ଣ ଅର୍ଥ ଶେଷ ହୋଇଯାଇଥିଲେ ମଧ୍ୟ ରୋଗ ଭଲ ହୋଇପାରି ନଥିଲା । ଏବେ ସେ ଚିକିତ୍ସା ଅଭାବରୁ ସମସ୍ୟାରେ ରହି ବାପାମା'ଙ୍କ ଉପରେ ବୋଝ ପାଲଟିଛନ୍ତି । ପ୍ରଶାନ୍ତଙ୍କ ଏଭଳି ଦୁଃସ୍ଥିତି ସମ୍ପର୍କରେ ଖବର ପାଇ କେନ୍ଦ୍ରାପଡ଼ା କ୍ରେଡିଟ୍ କୋ-ଅପରେଟିଭ୍ ସୋସାଇଟିର ସଭାପତି ସମବାୟବିତ୍ ପ୍ରମୋଦ କୁମାର ସାହୁ ତାଙ୍କ ଘରେ ପହଞ୍ଚି ୧୦ହଜାର ଟଙ୍କା ଆର୍ଥିକ ସହାୟତା ପ୍ରଦାନ କରିବା ସହ ତାଙ୍କର ଆଶୁ ଆରୋଗ୍ୟ କାମନା କରିଛନ୍ତି । ସଭାପତି ଶ୍ରୀ ସାହୁଙ୍କ ସହ ସୋସାଇଟିର ନିର୍ଦ୍ଦେଶକ ଅକ୍ଷୟ କୁମାର ଦାଶ, ସାଲେପୁର ଶାଖାର ବରିଷ୍ଠ ପରିଚାଳକ ସୁକାନ୍ତ ପତି, ଜମା ସଂଗ୍ରହକାରୀ ରମାକାନ୍ତ ପଣ୍ଡା, ଯୁବନେତା ଅକ୍ଷୟ କୁମାର ସାହୁ ପ୍ରମୁଖ ଉପସ୍ଥିତ ଥିଲେ । ସୂଚନା ଥାଉକି କେନ୍ଦ୍ରାପଡ଼ା କ୍ରେଡିଟ୍ କୋ-ଅପରେଟିଭ୍ ସୋସାଇଟି ବର୍ଷସାରା ଗରିବ ଅସହାୟ ଲୋକଙ୍କୁ ସହଯୋଗର ହାତ ବଢ଼ାଇବା ସହ ମେଧାବୀ ଛାତ୍ରଛାତ୍ରୀଙ୍କୁ ପାଠପଢ଼ା ନିମନ୍ତେ ସହାୟତା ରାଶି ପ୍ରଦାନ କରିଥାଏ ।

ଅ

ପ୍ରତ୍ୟେକ ଦୃଷ୍ଟିରୁ ଶୁଭଦାୟକ ନାଗ ଚତୁର୍ଥୀ



ଭୁବନେଶ୍ୱର : ନାଗଲ ଚତୁର୍ଥୀ ହେଉଛି ସର୍ପ ଦେବତାଙ୍କ ଉଦ୍ଦେଶ୍ୟରେ ଉତ୍ସର୍ଗୀକୃତ ଏକ ହିନ୍ଦୁ ପର୍ବ। ଏହା ଦୀପାବଳି ପରେ କାର୍ତ୍ତିକ ମାସର ଶୁଭ ପକ୍ଷ (ଶୁକ୍ଳ ପକ୍ଷ)ର ଚତୁର୍ଥୀ (ଚତୁର୍ଥ ଦିନ) ରେ ପାଳିତ ହୁଏ। ନାଗ ଦେବତାଙ୍କୁ ପୂଜା କରିବା ଦ୍ୱାରା ବର୍ଷସାରା ସମୃଦ୍ଧି ଏବଂ ଖୁସି ମିଳିଥାଏ ବୋଲି କୁହାଯାଏ। ନାଗୁଳା ଚବିଥି, ଯାହାକୁ ନାଗ ଚତୁର୍ଥୀ ମଧ୍ୟ କୁହାଯାଏ । ନାଗ ଚତୁର୍ଥୀରେ ସର୍ପ ଦେବତାଙ୍କ ପୂଜା କରିବା ପ୍ରତ୍ୟେକ ଦୃଷ୍ଟିରୁ ଶୁଭ ଏବଂ ଲାଭଦାୟକ ବୋଲି ବିବେଚନା କରାଯାଏ। ବିବାହିତ ମହିଳାମାନେ ସେମାନଙ୍କ ସନ୍ତାନମାନଙ୍କ ମଙ୍ଗଳ ପାଇଁ ନାଗୁଳା ଚବିଥି ପାଳନ କରନ୍ତି। ଏହି ପର୍ବ ସମୟରେ, ମହିଳାମାନେ ଉପବାସ ରଖନ୍ତି ଏବଂ ନାଗ ପୂଜା କରନ୍ତି। ଭକ୍ତମାନେ ବାଲି ହୁଙ୍କା କିମ୍ବା ସାପ ଗର୍ତ୍ତରେ ସର୍ପ ଦେବତାଙ୍କୁ କ୍ଷୀର ଏବଂ ଶୁଖିଲା ଫଳ ଅର୍ପଣ କରନ୍ତି। ଆଦିଶେଷ ବା ଶେଷନାଗ ଏବଂ ବାସୁକିଙ୍କୁ ସମସ୍ତ ସର୍ପ ଏବଂ ସର୍ପର ମୁଖ୍ୟ ଦେବତା ବୋଲି କୁହାଯାଏ। ଯଦିଓ ଅନେକ ସର୍ପ ଦେବତା ଅଛନ୍ତି । ନାଗୁଳ ଚବିଥି ପୂଜା ସମୟରେ ନିମ୍ନଲିଖିତ ବାରଟି ସର୍ପ ଦେବତାଙ୍କୁ ପୂଜା କରାଯାଏ ! ଅନନ୍ତ, ବାସୁକି, ଶେଷ, ପଦ୍ମ, କାମ୍ବାଲା, କର୍କୋଟକ, ଅଶ୍ୱତାର, ଧୃତରାଷ୍ଟ୍ର, ଶଙ୍ଖପାଳ, କାଳୀୟ, ତକ୍ଷକ ଏବଂ ପିଙ୍ଗଳ। ନାଗୁଳ ଚବିଥିର ପୌରାଣିକ କାହାଣୀ ଅନୁସାରେ କ୍ଷୀର ସାଗର ରେ, ସର୍ପ ଆଦିଶେଷ ଭଗବାନ ବିଷ୍ଣୁଙ୍କ ଉପରେ ବିରାଜମାନ ! ଏବଂ ତାଙ୍କ ସାନଭାଇ, ବାସୁକି, ଭଗବାନ ଶିବଙ୍କ ବେକରେ ଗୁଡ଼ା ହୋଇ ରହିଛନ୍ତି। ସମୁଦ୍ର ମନ୍ଥନ ସମୟରେ ବାସୁକି ରାଜମିସ୍ତ୍ରୀ ରଶି ଭାବରେ କାର୍ଯ୍ୟ କରିଥିଲେ । ଏହିପରି, ସେ ସମୁଦ୍ର ମନ୍ଥନରେ ମଧ୍ୟ ଏକ ଅମୂଲ୍ୟ ଭୂମିକା ଗ୍ରହଣ କରିଥିଲେ। ବ୍ରହ୍ମାଣ୍ଡର ମଙ୍ଗଳ ପାଇଁ ବାସୁକିଙ୍କ ଅବଦାନ ପାଇଁ ସମସ୍ତ ମାନବ କୃତଜ୍ଞ । ଏହି ଦିନ, ଭଗବାନ ଶିବ ସମଗ୍ର ବ୍ରହ୍ମାଣ୍ଡକୁ ରକ୍ଷା କରିବା ପାଇଁ ସମୁଦ୍ର ମନ୍ଥନରୁ ବାହାରିଥିବା ବିଷ, ହଲାହାଲକୁ ପାନ କରିଥିଲେ। ତେଣୁ, ନାଗ ଚତୁର୍ଥୀ, ନାଗୁଳ ଚବିଥି, ନାଗ ପଞ୍ଚମୀ ଏବଂ ନାଗ ଷଷ୍ଠୀ ନାଗ ଦେବତାଙ୍କ ପ୍ରତି କୃତଜ୍ଞତା ଏବଂ ସମ୍ମାନ ପ୍ରକାଶ କରିବା ପାଇଁ ପାଳନ କରାଯାଏ। ପୁରାତନ ମନ୍ଦିର ଗଠନରେ ପ୍ରତ୍ୟେକ ପତ୍ରେଶ ଦ୍ୱାର ନାଗବନ୍ଧ ଦ୍ୱାରା ନିର୍ମିତ ହୋଇଥିବା ଦେଖିବାକୁ ମିଳେ। ଏହା ବାସ୍ତୁ ଶାସ୍ତ୍ରରେ ଅତ୍ୟନ୍ତ ଶୁଭ ବୋଲି ବର୍ଣ୍ଣନା ରହିଛି। ସେହିପରି ଆମମାନଙ୍କ ବାସସ୍ଥାନ ନିର୍ଣ୍ଣୟ ସମୟରେ ନାଗନାଡୀ କଥା ବିଚାରକୁ ନିଆଯାଇ ଥାଏ। କହିବାକୁ ଗଲେ ସର୍ପ ସଂସ୍କୃତି ଏକ ପୁରାତନ ସଂସ୍କୃତି ଯାହା ବର୍ତ୍ତମାନ ମଧ୍ୟ ଗବେଷଣା ସାପେକ୍ଷ। ତେବେ ନାଗ ଚତୁର୍ଥୀ ବା ନାଗଲ ଚତୁର୍ଥୀ ସର୍ପ ପୂଜାର ଅନ୍ୟ ଏକ ଅଭିବ୍ୟକ୍ତି । ଯାହା ଆମ ଧର୍ମ ସଂସ୍କୃତିକୁ ପ୍ରଭାବିତ କରି ଆସିଛି। ଏବଂ ସିଏ ଆମ ମଙ୍ଗଳ ବିଧାନରେ ବ୍ରତୀ। ଯେଉଁଥିପାଇଁ ନାରୀମାନେ ପରିବାର ତଥା ସନ୍ତାନସନ୍ତତି ମାନଙ୍କ ମଙ୍ଗଳ କାମନାକରି ଏହିପର୍ବ ପାଳନ କରିଥାନ୍ତି ।

ଛୋଟ ଫଳ, ବଡ଼ ଫାଇଦା !



କମଳାରେ ଲୁଚିଛି ସୌନ୍ଦର୍ଯ୍ୟର ରହସ୍ୟ



ଶୀତଦିନ ଆସିଲେ ବଜାରରେ ଦେଖିବାକୁ ମିଳେ ବିଭିନ୍ନ ପ୍ରକାରର ଋତୁକାଳୀନ ଫଳ। ସେଥିମଧ୍ୟରୁ କମଳା ଲେମ୍ବୁ ଅନ୍ୟତମ। ମିଠା ଓ ଖଟାର ମିଶ୍ରିତ ସ୍ୱାଦ ଯୋଗୁଁ ଏହା ସମସ୍ତଙ୍କର ପ୍ରିୟ । କିନ୍ତୁ କେବଳ ସ୍ୱାଦ ପାଇଁ ନୁହେଁ, ଶରୀରକୁ ସୁସ୍ଥ ରଖିବାରେ ମଧ୍ୟ କମଳା ଲେମ୍ବୁର ରହିଛି ଅନେକ ଉପକାରିତା। ଏଥିରେ ଭରପୂର ମାତ୍ରାରେ ରହିଛି ଭିଟାମିନ୍ ସି, ଫାଇବର୍ ଓ ଆଣ୍ଟିଅକ୍ସିଡାଣ୍ଟ। ତେବେ ଦୈନନ୍ଦିନ ଖାଦ୍ୟରେ କମଳା ସାମିଲ କରିବା ଦ୍ୱାରା ଆମ ଶରୀରକୁ କି କି ଲାଭ ମିଳିଥାଏ, ଆସନ୍ତୁ ଜାଣିବା।

କମଳା ଲେମ୍ବୁରେ ଥିବା ଭିଟାମିନ୍ ସି ଶରୀରର ରୋଗପ୍ରତିରୋଧକ ଶକ୍ତିକୁ ସଠିକ୍ ଭାବେ କାର୍ଯ୍ୟ କରିବାରେ ସହାୟତା କରେ। ଶରୀରରେ ଆଇରନ୍ ଶୋଷଣ ପ୍ରକ୍ରିୟାକୁ ମଧ୍ୟ ଏହା ସନ୍ତୁଳିତ କରିଥାଏ। କେବଳ ସେତିକି ନୁହେଁ, କମଳାରେ ଥିବା ଆଣ୍ଟିଅକ୍ସିଡାଣ୍ଟ ଶରୀରର କୋଷଗୁଡ଼ିକୁ ଅକ୍ସିଡେଟିଭ୍ କ୍ଷତିରୁ ସୁରକ୍ଷା ଦେବାରେ ସହାୟକ ହୋଇଥାଏ। ଏହା ସହିତ ଭିଟାମିନ୍ ସି କୋଲାଜେନ୍ ଉତ୍ପାଦନରେ ସହାୟତା କରେ। କୋଲାଜେନ୍ ତ୍ୱଚାକୁ ସୁନ୍ଦର ରଖିବା ସହ ହାଡ଼, ମାଂସପେଶୀ ଓ ରକ୍ତନଳୀର ସ୍ୱାସ୍ଥ୍ୟ ପାଇଁ ମଧ୍ୟ ଆବଶ୍ୟକ । ଯାହା ତ୍ୱଚାର କଳାଦାଗ ଦୂର କରି ପ୍ରାକୃତିକ ଚମକ ଆଣିବାରେ ସାହାଯ୍ୟ କରେ। ଆକର୍ଷଣୀୟ ଓ ଉଜ୍ଜ୍ୱଳ ତ୍ୱଚା ପାଇବା ପାଇଁ କମଳା ଲେମ୍ବୁ ଏକ ଅତ୍ୟନ୍ତ ଲାଭଦାୟକ ପ୍ରାକୃତିକ ଉପାଦାନ ଅଟେ।

ହଜମ ପ୍ରକ୍ରିୟା ପାଇଁ ମଧ୍ୟ କମଳା ବେଶ୍ ଉପକାରୀ। ଏଥିରେ ଥିବା ଡାଏଟାରୀ ଫାଇବର୍ ଅନ୍ତନଳୀର ସ୍ୱାସ୍ଥ୍ୟ ବଜାୟ ରଖିବା ସହ କୋଷ୍ଠକାଠିନ୍ୟ ସମସ୍ୟା କମାଇବାରେ ସହାୟକ ହୁଏ। ଏଥିପାଇଁ କମଳାର ରସ ପିଇବା ଅପେକ୍ଷା ପୁରା ଫଳ ଖାଇବା ଅଧିକ ଭଲ। କାରଣ ରସ ବାହାର କରିବା ସମୟରେ ଏହାର ଫାଇବର୍ର କିଛି ଅଂଶ ନଷ୍ଟ ହୋଇଯାଏ।

କମଳାରେ ଥିବା ପୋଟାସିୟମ୍ ରକ୍ତଚାପର ସନ୍ତୁଳନ ରକ୍ଷା କରିବାରେ ସହାୟକ। ଏଥିସହ ଏଥିରେ ଜଳୀୟ ଅଂଶ ରହିଥିବାରୁ ଶରୀରକୁ ହାଇଡ୍ରେଟ୍ ରଖିବାରେ ମଧ୍ୟ ସାହାଯ୍ୟ କରେ। କମଳାରେ କ୍ୟାଲୋରି କମ୍ ଓ ଫାଇବର୍ ଥିବାରୁ ଏହା ଖାଇବା ପରେ ଦୀର୍ଘ ସମୟ ପର୍ଯ୍ୟନ୍ତ ପେଟ ପୂରିଲା ଭଳି ଅନୁଭବ ହୋଇଥାଏ। ଫଳରେ ସୁସ୍ଥ ଖାଦ୍ୟାଭ୍ୟାସ ଓ ଓଜନ ନିୟନ୍ତ୍ରଣରେ ସହାୟତା ମିଳିପାରେ। କମଳାରେ ଥିବା ଫ୍ଲାଭୋନଏଡ୍ ଭଳି ଉଦ୍ଭିଦଜାତ ଉପାଦାନ ମଧ୍ୟ ଶରୀର ପାଇଁ ଉପକାରୀ। ଏହା ଶରୀରର ସାମଗ୍ରିକ ସ୍ୱାସ୍ଥ୍ୟ ରକ୍ଷାରେ ଭୂମିକା ନିଭାଇଥାଏ। ତେବେ କମଳା ଲେମ୍ବୁ ଖାଇବା ସମୟରେ କିଛି ସତର୍କତା ମଧ୍ୟ ଜରୁରୀ। ଅତ୍ୟଧିକ ପରିମାଣରେ ଖାଇଲେ କିଛି ଲୋକଙ୍କଠାରେ ଅମ୍ଳତା କିମ୍ବା ଏସିଡିଟି ସମସ୍ୟା ବଢ଼ିପାରେ। ତେଣୁ ନିଜ ଶରୀରର ଆବଶ୍ୟକତା ଅନୁସାରେ ଏହାକୁ ଖାଇବା ଉଚିତ୍ ।

ନୂତନ ଧାନ ମଣ୍ଡିର ଭିତ୍ତିପ୍ରସ୍ତର ସ୍ଥାପନ କଲେ ବିଧାୟକ ମାନସ ଦତ୍ତ



ବାଲେଶ୍ୱର : ବାଲେଶ୍ୱର ସଦର ନିର୍ବାଚନମଣ୍ଡଳୀରେ କୃଷକମାନଙ୍କ ସୁବିଧା ଓ କୃଷି ଭିତ୍ତିଭୂମିର ବିକାଶ ଦିଗରେ ଆଉ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଗ୍ରହଣ କରାଯାଇଛି। ଓଡ଼ିଶା ସରକାରଙ୍କ ନିର୍ମାଣ ବିଭାଗ ପକ୍ଷରୁ ମୋଟ ୧ କୋଟି ୧୮ ଲକ୍ଷ ୨୨ ହଜାର ୨୪୧ ଟଙ୍କା ବ୍ୟୟ ଅଟକଳରେ ସିନ୍ଧିଆ ଓ ପରିଖି ସେବା ସମବାୟ ସମିତି ପରିସରରେ ଦୁଇଟି ନୂତନ ଧାନ ମଣ୍ଡି ନିର୍ମାଣ କାର୍ଯ୍ୟର ଶୁଭ ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି ବାଲେଶ୍ୱର ସଦର ବିଧାୟକ ଶ୍ରୀ ମାନସ କୁମାର ଦତ୍ତ। ଏହି ଅବସରରେ ସିନ୍ଧିଆ ସେବା ସମବାୟ ସମିତିରେ ୫୪ ଲକ୍ଷ ୪୨ ହଜାର ୪୩୪ ଟଙ୍କା ଏବଂ ପରିଖି ସେବା ସମବାୟ ସମିତି ପରିସରରେ ୬୩ ଲକ୍ଷ ୭୯ ହଜାର ୮୦୭ ଟଙ୍କା ବ୍ୟୟ ଅଟକଳରେ ଦୁଇଟି ପୃଥକ ଧାନ ମଣ୍ଡି ନିର୍ମାଣ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି। ଏହି ନୂତନ ଧାନ ମଣ୍ଡିଗୁଡ଼ିକ ନିର୍ମାଣ ହେବା ଫଳରେ ସ୍ଥାନୀୟ କୃଷକମାନଙ୍କ ପାଇଁ ଧାନ ସଂଗ୍ରହ ଓ ବିକ୍ରୟ ପ୍ରକ୍ରିୟା ଅଧିକ ସୁବ୍ୟବସ୍ଥିତ ହେବା ସହ ଆବଶ୍ୟକ ଭିତ୍ତିଭୂମି ସୁବିଧା ଉପଲବ୍ଧ ହୋଇପାରିବ। ବିଶେଷକରି ଧାନ ବିକ୍ରୟ ସମୟରେ ଚାଷୀମାନେ ସମ୍ମୁଖୀନ ହେଉଥିବା ବିଭିନ୍ନ ଅସୁବିଧା ଦୂର କରିବା ଦିଗରେ ଏହି ପ୍ରକଳ୍ପ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ। ଏହି ଅବସରରେ ବିଧାୟକ ଶ୍ରୀ ଦତ୍ତ କହିଛନ୍ତି ଯେ, କୃଷକ ହେଉଛନ୍ତି ଆମ ଅର୍ଥନୀତିର ମେରୁଦଣ୍ଡ। ସେମାନଙ୍କ ପରିଶ୍ରମର ଉଚିତ ମୂଲ୍ୟ ଓ ଫସଲ ବିକ୍ରୟ ପାଇଁ ଉନ୍ନତ ସୁବିଧା ସୁନିଶ୍ଚିତ କରିବା ଆମର ପ୍ରମୁଖ ଦାୟିତ୍ୱ। ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀଙ୍କ ନେତୃତ୍ୱରେ ରାଜ୍ୟ ସରକାର କୃଷକ କଲ୍ୟାଣ, କୃଷି କ୍ଷେତ୍ରର ଆଧୁନିକୀକରଣ ଏବଂ ଗ୍ରାମୀଣ ଅର୍ଥନୀତିର ସୁଦୃଢ଼ୀକରଣକୁ ବିଶେଷ ପ୍ରାଧାନ୍ୟ ଦେଉଛନ୍ତି। ବାଲେଶ୍ୱର ସଦର ନିର୍ବାଚନମଣ୍ଡଳୀର ପ୍ରତ୍ୟେକ କୃଷିପ୍ରଧାନ ଅଞ୍ଚଳରେ ଆବଶ୍ୟକ ଭିତ୍ତିଭୂମିର ବିକାଶ ସହ ଚାଷୀମାନଙ୍କୁ ଉନ୍ନତ ସେବା ଯୋଗାଇଦେବା ପାଇଁ ନିରନ୍ତର ଉଦ୍ୟମ ଜାରି ରହିବ ବୋଲି ବିଧାୟକ ଶ୍ରୀ ଦତ୍ତ ପ୍ରକାଶ କରିଛନ୍ତି। ଅନ୍ୟ ମାନଙ୍କ ମଧ୍ୟରେ ସଦର ବ୍ଲକ ଅଧକ୍ଷା ସୁନିତା ବେହେରା, ସରପଞ୍ଚ ବୃନ୍ଦାବତୀ ପ୍ରଧାନ, ରବିନାରାୟଣ ପ୍ରଧାନ, ସମିତି ସଭ୍ୟ ଅଞ୍ଜନ ପରିଡ଼ା, ଉପଖଣ୍ଡ ଯନ୍ତ୍ରୀ ଦୁର୍ଗା ପ୍ରସନ୍ନ ମାରାଣ୍ଡି, କନିଷ୍ଠ ଯନ୍ତ୍ରୀ ମନୋଜ ସାହୁ, ଅନିରୁଦ୍ଧ ପ୍ରଧାନ, ପ୍ରଦୀପ୍ତ କୁମାର ମହାପାତ୍ର, ଗୌରାଙ୍ଗ ଦାସ, ଅନନ୍ତ ନାୟକ, ରାଜେନ୍ଦ୍ର ଚାଟାର୍ଜି, ମାମନୀ ହାତୀ, ଗୋରାଚାନ୍ଦ ମଣ୍ଡଳ, ବୀରେନ୍ଦ୍ର ସେନାପତି, ବୀରେନ୍ଦ୍ର କର, ଶ୍ରୀନିବାସ ମହାଳିକ, ବିଜୟ ଦାସ, ମନୋରଞ୍ଜନ ଶତପଥି, ସଂଗୀତା ପରିଡ଼ା, ଅମଲ ପ୍ରଧାନ, ଅନିଲ ପାତ୍ର, ରାଜୀବ କର, ମିଟୁ ବାରିକ, କାଳିଆ ଗିରି ସମେତ ସମସ୍ତ ସୋସାଇଟି ଡାଇରେକ୍ଟର ଉପସ୍ଥିତ ଥିଲେ।

ବାପଘରେ ବିବାହିତା ଭଉଣୀଙ୍କୁ ମରଣାନ୍ତକ ଆକ୍ରମଣ ଘଟଣା !!!!!!!!!!!!!

ନ୍ୟାୟ ନମିଳିଲେ ଥାନା ସମ୍ମୁଖରେ ଅନଶନରେ ବସିବେ ସ୍ନିଗ୍ଧାରାଣୀ

ତିହିଡି: ନ୍ୟାୟ ନମିଳିଲେ ଅର୍ଥାତ ଅଭିଯୁକ୍ତମାନଙ୍କୁ ଗିରଫ୍ କରାନଗଲେ ଥାନା ସମ୍ମୁଖରେ ଅନଶନରେ ବସିବେ ସ୍ନିଗ୍ଧାରାଣୀ ବେହେରା । ଅସୁସ୍ଥ ବୃଦ୍ଧ ପିତା ଭେଟିବାକୁ ବାପ ଘରକୁ ଯାଇଥିବା ବେଳେ ୩ ଭାଇ ଓ ୩ ପୁତୁରାଙ୍କ ମରଣାନ୍ତକ ଆକ୍ରମଣର ଶିକାର ହୋଇଥିଲେ । ପ୍ରଥମ ଏତଲାକୁ ଭୁକ୍ଷେପ କରାଗଲା ଏବଂ ଦ୍ୱିତିୟ ଏତଲା ମୂଳେ ସଂଗୀନ ଦଫାରେ ଥାନାରେ ମାମଲା ହୋଇଥିଲେ ମଧ୍ୟ ଅଭିଯୁକ୍ତମାନଙ୍କ ବିରୋଧରେ ପୋଲିସ କୌଣସି ପଦକ୍ଷେପ ଗ୍ରହଣ କରିଲା ନାହିଁ । ଯାହାକୁ ନେଇ ପୀଡିତା ବୁଧବାର ସକାଳେ ଜିଲ୍ଲା ଆରକ୍ଷୀ ଅଧିକ୍ଷକଙ୍କୁ ଭେଟି ଗୁହାରୀ କରିବା ସହିତ ସପ୍ତାହ ମଧ୍ୟରେ ଅଭିଯୁକ୍ତମାନଙ୍କୁ ଗିରଫ୍ କରାନଗଲେ ପୀରହାଟ ଥାନା ସମ୍ମୁଖରେ ଅନଶନରେ ବସିବେ ବୋଲି ଚେତାବନି ଦେଇଛନ୍ତି । ଅଭିଯୋଗ ମୁତାବକ, ତିହିଡି ଥାନାଧିନ ଗୁଆମାଳ(ମୋଡସାହି)ରେ ଚିନ୍ତାମଣି ବେହେରାଙ୍କ ସ୍ତ୍ରୀ ସ୍ନିଗ୍ଧାରାଣୀ ବେହେରା ଏବଂ ସେ ପୀରହାଟ ଥାନାଧିନ କଣ୍ଡରାଗଡିଆ ମଝିସାହିର ବିଦ୍ୟାଧର ସେଠାଙ୍କ ଝିଅ । ବାପାଙ୍କ ଅସୁସ୍ଥତା ଖବର ପାଇ ସ୍ନିଗ୍ଧାରାଣୀ ଗତ ତା ୦୬.୧୧.୨୬ରିଖରେ ସେଠାକୁ ଯାଇଥିଲେ । ଅପରପକ୍ଷ ତାଙ୍କ ଭାଇ ସୁକାନ୍ତ କୁମାର ସେଠାଙ୍କ ସହିତ ଟଙ୍କା ପଇସା ଦେଣନେଣକୁ ନେଇ ବଚସା ହୋଇଥିଲା । ସୁକାନ୍ତ ତାଙ୍କୁ ବିଧା, ଚାପୁଡ଼ା ମାରିବା ସହିତ ଚୁଟିକୁ ଧରି ଘୋଷାରି ତଳେ ପକାଇ ଛାତି, ତଳିପେଟକୁ ଗୋଇଠା ମାରିଥିଲେ । ଆକ୍ରମଣ କରି ପ୍ରହାର କରିବାରୁ ତାହାଣ ଗୋଡ଼ର ବୁଢ଼ା ଆଙ୍ଗୁଠି ଉପରେ ଗଭୀର କ୍ଷତ ହେବା ସହ ରକ୍ତ ବନ୍ଦ ନହେବାରୁ ସ୍ନିଗ୍ଧାରାଣୀ ତାଙ୍କ ସ୍ୱାମୀଙ୍କ ସହ ତିହିଡ଼ି ଡାକ୍ତରଖାନାରେ ଭର୍ତ୍ତୀ ହୋଇଥିଲେ ଏବଂ ସେଠାରେ ତାଙ୍କ ଗୋଡ଼ରେ ୪/୫ଟି ଷ୍ଟିଚ୍ ପଡ଼ିଥିଲା । ଘଟଣାକୁ ନେଇ ସେ ପୀରହାଟ ଥାନାରେ ଲିଖିତ ଅଭିଯୋଗ କରିଥିଲେ । କିନ୍ତୁ ଆଇଆଇସି ଉଭୟ ପକ୍ଷଙ୍କୁ ଥାନାକୁ ଡାକି ପାରିବାରିକ ଘଟଣା ହେତୁ ଏହାର ଆପୋଷ ସ ମ । ଧ । ନ ଭଦ୍ରଲୋକମାନଙ୍କ ମାଧ୍ୟମରେ କରିବାକୁ ପରାମର୍ଶ ଦେଇଥିଲେ । ଯାହାକୁ ନେଇ ଗତ ୧୮.୧୦.୨୦୨୬ରିଖରେ ଦିବା ୧୨ଘଟିକା ସମୟରେ ବନ୍ଧୁ ବାନ୍ଧବଙ୍କ ଉପସ୍ଥିତିରେ ଏହାର ଆପୋଷ ସମାଧାନ ପାଇଁ ବାପଘରେ ଆଲୋଚନା କରାଯାଉଥିଲା । କିନ୍ତୁ ସେଠାରେ ତାଙ୍କ ୩ ଭାଇ ଓ ୩ ପୁତୁରାମାନେ ସମସ୍ତ ବନ୍ଧୁବାନ୍ଧବଙ୍କ କଥାକୁ ଫାଙ୍କି ଦେଇ ଗାଳି ଦେବା ସହ ଧକ୍କା ମାରି, ତଣ୍ଟିକୁ ଧରି ଜୀବନରୁ ମାରିଦେବାକୁ ଉଦ୍ୟମ କରିଥିଲେ । ସେତେବେଳେ ବୃଦ୍ଧା ମାଆ ସେମାନଙ୍କ କଳବରୁ ଉଦ୍ଧାର କରି ବାହାରକୁ ପଠାଇ ଦେଇଥିଲେ । ଘଟଣାକୁ ନେଇ ପୂନଶ୍ଚ ପୀରହାଟ ଥାନାରେ ଏତଲା ଦେଇଥିଲେ ସ୍ନିଗ୍ଧାରାଣୀ । ଏନେଇ ପୋଲିସ ସଂଗୀନ ଦଫା ୨୯୬, ୧୭୨(୨), ୩୦୩(୨), ୧୧୫(୨), ୧୦୯, ୩(୫)ରେ ଏକ ମାମଲା ୨୪୩ ରୁଜୁ କରିଛି । ନ୍ୟୟ ପ୍ରଦାନ ଦାବୀରେ ପୂର୍ବରୁ ମଧ୍ୟ ଗତ ତା ୦୨.୧୧.୨୬ରିଖ ଜିଲ୍ଲା ଆରକ୍ଷୀ ଅଧିକ୍ଷକଙ୍କୁ ଭେଟିଥିଲେ ଏବଂ ତାଙ୍କ କାର୍ଯ୍ୟାଳୟରୁ ଆଇଆଇସିଙ୍କୁ ମଧ୍ୟ ଫୋନ୍ ହୋଇଥିଲା ହେଲେ ଏପର୍ଯ୍ୟନ୍ତ ପୋଲିସ ସେମାନଙ୍କୁ ଗିରଫ୍ ନକରି ସେମାନଙ୍କ ବୁଦ୍ଧିରେ ପରିଚାଳିତ ହେଉଛନ୍ତି ବୋଲି ଆରୋପ କରିଛନ୍ତି ।



୩.୦୩ କୋଟି ଟଙ୍କା ଆତ୍ମସାତ ମାମଲା !!!!!

ଫେରାର ଡେରାବିଶ ବ୍ଲକ ବରିଷ୍ଠ ରାଜସ୍ୱ ସହାୟକ ଗିରଫ

ଭୁବନେଶ୍ୱର: ଓଡ଼ିଶାରେ ଏକ ବଡ଼ ଧରଣର ଦୁର୍ନୀତି ମାମଲାର ପର୍ଦାଫାଶ ହୋଇଛି। କେନ୍ଦ୍ରାପଡ଼ା ଜିଲ୍ଲା ଡେରାବିଶ ବ୍ଲକର ବରିଷ୍ଠ ରାଜସ୍ୱ ସହାୟକ ଶଶିକାନ୍ତ ରାଣା ୩ କୋଟିରୁ ଅଧିକ ଟଙ୍କାର ସରକାରୀ ପାଣ୍ଠି ଆତ୍ମସାତ କରିଥିବା ଅଭିଯୋଗରେ ଭିଜିଲାନ୍ସ ହାତରେ ଧରାପଡ଼ିଛନ୍ତି। ହେରଫେର ମାମଲା ସାମ୍ନାକୁ ଆସିବା ପରେ ସେ ଦୀର୍ଘଦିନ ଧରି ଫେରାର ଥିଲେ ଏବଂ ଶେଷରେ ଭିଜିଲାନ୍ସ ଟିମ୍ ଡିଜିଟାଲ୍ ଟ୍ରାକିଂ ଜରିଆରେ ତାଙ୍କୁ ଅନୁଗୁଳରୁ କାବୁ କରିବାରେ ସଫଳ ହୋଇଛି। ଭିଜିଲାନ୍ସ ସୂତ୍ରରୁ ପ୍ରକାଶ ଯେ, ଶଶିକାନ୍ତ କୁମାଗତ ଭାବେ ଦୁଇଟି ବ୍ଲକରେ ଏଷ୍ଟାବ୍ଲିସମେଣ୍ଟ



ସେକ୍ସନ ପରିଚାଳନା କରୁଥିବା ସମୟରେ ଏହି ଜାଲିଆତି କରିଥିଲେ। ସେ ରାଜକନିକା ବ୍ଲକରେ କାର୍ଯ୍ୟରତ ଥିବା ସମୟରେ ୧,୪୬,୬୮,୧୧୮ ଟଙ୍କା ଏବଂ ଡେରାବିଶ ବ୍ଲକରେ କାର୍ଯ୍ୟରତ ଥିବା ସମୟରେ ୧,୫୬,୯୭,୭୨୫ ଟଙ୍କା ହଡ଼ପ କରିଥିଲେ। ଏହିପରି ଭାବେ ସେ ମୋଟ ୩,୦୩,୬୫,୮୪୩ ଟଙ୍କା ବେଆଇନ ଭାବେ ଆତ୍ମସାତ କରିଥିବା ଜଣାପଡ଼ିଛି। ଠକେଇର ତରିକା ମଧ୍ୟ ଅତ୍ୟନ୍ତ ଚାଞ୍ଚଲ୍ୟକର ଥିଲା। ଅଭିଯୁକ୍ତ ଜଣକ HRMS ପୋର୍ଟାଲରେ ଅବସରପ୍ରାପ୍ତ ଏବଂ ମୃତ କର୍ମଚାରୀମାନଙ୍କ ନାମରେ ମିଥ୍ୟା ଦରମା, ବକେୟା, ଗ୍ରାଚ୍ୟୁଇଟି ଏବଂ ପେନସନ ଆଦିର ଜାଲ୍ ବିଲ୍ ପ୍ରସ୍ତୁତ କରି ବିତରଣ ରେକର୍ଡରେ ହେରଫେର କରିଥିଲେ। ପ୍ରକୃତ ହିତାଧିକାରୀଙ୍କୁ ପାଣ୍ଠି ପ୍ରଦାନ କରିବା ବଦଳରେ ସେ କେନ୍ଦ୍ରାପଡ଼ାସ୍ଥିତ SBI, ବ୍ୟାଙ୍କ ଅଫ୍ ଇଣ୍ଡିଆ ଏବଂ ଇଣ୍ଡିଆନ ବ୍ୟାଙ୍କରେ ଥିବା ନିଜର ଏବଂ ନିଜ ପରିବାର ତଥା ସମ୍ପର୍କୀୟଙ୍କ ବ୍ୟାଙ୍କ ଖାତାକୁ NEFT ମାଧ୍ୟମରେ ସେହି ଟଙ୍କା ସ୍ଥାନାନ୍ତର କରିଥିଲେ। ଏହି ସମ୍ପୂର୍ଣ୍ଣ ଘଟଣାକୁ ନେଇ କଟକ ଭିଜିଲାନ୍ସ ଥାନାରେ କେସ୍ ନଂ ୪୨ ଏବଂ ୪୩/୨୦୨୬ ରୁଜୁ କରାଯାଇଛି। ଦୁର୍ନୀତି ନିବାରଣ ସଂଶୋଧନ ଆଇନ, ୨୦୧୮ ଏବଂ ଭାରତୀୟନ୍ୟାୟ ସଂହିତା ର ବିଭିନ୍ନ ଧାରା ଅନୁସାରେ ମାମଲା ରୁଜୁ କରାଯାଇ ଅଭିଯୁକ୍ତଙ୍କୁ ଆଜି କଟକ ସ୍ଥିତ ଭିଜିଲାନ୍ସ ଜଜ୍ଙ୍କ କୋର୍ଟକୁ ଚାଲାଣ କରାଯାଇଛି ବୋଲି ଭିଜିଲାନ୍ସ ପକ୍ଷରୁ ସୂଚନା ଦିଆଯାଇଛି।

ପବିତ୍ର ଅଁଳା ନବମୀ ଉପଲକ୍ଷେ ଦେବନୀତି ନିର୍ଘଣ୍ଟ

ସତ୍ୟବାଦୀ/ ସୁଆଣ୍ଡୋ : ଶ୍ରୀ ଶ୍ରୀ ସାକ୍ଷୀ ଗୋପାଳ ମନ୍ଦିରରେ ଚଳିତ ମାସ ୧୮ ତାରିଖ ଅନୁଷ୍ଠିତ ହେବ ପ୍ରସିଦ୍ଧ ଅଁଳା ନବମୀ ଓ ଶ୍ରୀରାଧା ପାଦ ଦର୍ଶନ। ଏଥିପାଇଁ ଜିଲା ପ୍ରଶାସନ ଓ ବ୍ଲକ ପ୍ରଶାସନ ଏବଂ ସେବାୟତ ସଂଘ ପକ୍ଷରୁ ପ୍ରସ୍ତୁତି ଜୋରସୋରରେ ଆରମ୍ଭ ହୋଇଛି । ଅଁଳା ନବମୀ ପୁରାଜିଲାର ଦ୍ୱିତୀୟ ଗଣପର୍ବ ଭାବେ ବେଶ୍ ପରିଚିତ । ଦେବ ନୀତିକୁ ଶୃଙ୍ଖଳିତ କରିବାପାଇଁ ସାକ୍ଷୀଗୋପାଳ ସେବାୟତ ସଂଘ ପକ୍ଷରୁ ଏଥିପାଇଁ ଦେବ ନୀତିନିର୍ଘଣ୍ଟ ହୋଇଛି। ପଞ୍ଚସଖା ସ୍ମୃତି ଭବନ ଠାରେ ଅନୁଷ୍ଠିତ ଦ୍ୱିତୀୟ ସମନ୍ୱୟ ବୈଠକରେ ଏହାକୁ ସେବାୟତ ସଂଘ ପକ୍ଷରୁ ସାର୍ବଜନୀନ କରାଯାଇ

ମୋ ଜୀବନର କୌଣସି ଅପହଞ୍ଚ ଇଲାକା ନାହିଁ : ଭାଗୀରଥି ବେହେରା

ସା କ୍ଷା ତ କା ର

କବି, କଥାକାର, ଔପନ୍ୟାସିକ, ସଂପାଦକ, ସାରସ୍ୱତ ସଂଗଠନ ଭାଗୀରଥି ବେହେରାଙ୍କ ସହ 'ରାଜଭୂମି'ର ଏଥର ସାକ୍ଷାତକାର ...





ପ୍ରଶ୍ନ ୧ : ଭାଗୀରଥି ବେହେରା ନିଜ ଦୃଷ୍ଟିରେ କିପରି ?

ଉତ୍ତର ୧ : ସାହିତ୍ୟ ଓ ଶିକ୍ଷା ସମାଜରେ ବଞ୍ଚୁଥିବା ଓ ବଞ୍ଚିବାକୁ ଭଲପାଉଥିବା ଜଣେ ମଣିଷ। ସମ୍ପର୍କକୁ ଅଧିକ ଗୁରୁତ୍ୱ ଦେଉଥିବା ସାହିତ୍ୟିକ ଯାହାର ଜୀବନ ଅତି ସାଧାରଣ। ଲେଖନୀ, ସମ୍ପାଦନା, ପ୍ରକାଶନୀ ସହ ସାହିତ୍ୟମଞ୍ଚ ତିଆରୁଥିବା ଜଣେ ସାହିତ୍ୟ ପ୍ରେମୀ। ମୋ ଜୀବନର କୌଣସି ଅପହଞ୍ଚ ଇଲାକା ନାହିଁ। ଅତି ସାଧାରଣ।

ପ୍ରଶ୍ନ ୨ : ସାହିତ୍ୟ ଓ ଶିକ୍ଷା ଆପଣଙ୍କ ଦୃଷ୍ଟିରେ କେଉଁଟା ସହଜ ?

ଉତ୍ତର ୨ : ସାହିତ୍ୟ ସହଜ କିନ୍ତୁ ଶିକ୍ଷା କଷ୍ଟ। କାରଣ ଅନେକ ଦୃଷ୍ଟାନ୍ତ ଅଛି ଯେ ଅକ୍ଷର ଶିଖିନଥିବା ଲୋକ ବି ଅନର୍ଗଳ କାବ୍ୟ କବିତା ଓ ବକ୍ତବ୍ୟ ପଠନ କରିପାରନ୍ତି। ଯଦିବା ନିଜ ଅଧ୍ୟବସାୟରେ ଦୁଇଟି ଯାକ ପ୍ରାପ୍ତ କରିହୁଏ କେବଳ ବ୍ୟବହାର ଗତ ପାର୍ଥକ୍ୟ ବୁଝିବାକୁ ହେବ। ଯଦିବା ଦୁଇଟିର ଗୋଟିଏ ଲକ୍ଷ୍ୟ ସମାଜକୁ ଆଲୋକ ଦେଖେଇବା। ବେଳେବେଳେ ସାହିତ୍ୟ ସ୍ୱକୀୟ ହୋଇପାରେ କିନ୍ତୁ ଶିକ୍ଷା ନୁହଁ। ନିଜ ବିଦ୍ୟା ଦ୍ୱାରା ଯଦି ଅନ୍ୟ କେହି ଶିକ୍ଷିତ ନ ହେଇପାରିଲା ତେବେ ଆପଣଙ୍କ ଶିକ୍ଷାର ଉଦ୍ଦେଶ୍ୟ ପୂର୍ତ୍ତି ହୋଇପାରିବ ନାହିଁ। ବେଳେବେଳେ ଦୁହେଁ ପରସ୍ପର ପରିପୂରକ। ସାହିତ୍ୟ ଦ୍ୱାରା ଶିକ୍ଷା ପ୍ରସାରିତ ହୋଇପାରିଲା ବେଳେ ଶିକ୍ଷା ସାହିତ୍ୟକୁ ଅଧିକ ସମୃଦ୍ଧ କରେ।

ପ୍ରଶ୍ନ ୩ : ଲେଖକ ଓ ସଂପାଦକ ଭାବରେ ଆପଣ କିପରି ବିବେଚନା କରନ୍ତି ସ୍ରଷ୍ଟା ଓ ସୃଷ୍ଟିକୁ ?

ଉତ୍ତର ୩ : କେବଳ ଲେଖକ ହେଲେ ଆପଣ ସର୍ବତ୍ର ଗ୍ରହଣୀୟ ହୋଇପାରିବେ କିନ୍ତୁ ସମ୍ପାଦକ ହେଲେ କିଛି ଅସନ୍ତୁଷ୍ଟ ବର୍ଗ ଆପଣଙ୍କ ବିରୁଦ୍ଧରେ ସୃଷ୍ଟି ନିଶ୍ଚୟ ହେବେ। ଯେତେ ଲେଖା ଆସେ ଆମ ପାଖକୁ ସମ୍ପାଦକ ଭାବେ, ବେଳେବେଳେ ବିତୃଷ୍ଣା ଆସେ କାରଣ ସ୍ରଷ୍ଟାଙ୍କ ସେହି ରଚନା ସୃଷ୍ଟି ପଦବାଚ୍ୟ ବି ଲାଗେ ନାହିଁ। ଯଦି ଏହି କଥା କହିଦେବା କିମ୍ବା ସ୍ଥାନିତ ନ କରିବା ତେବେ ନିନ୍ଦିତ ହେବେ ସୁନିଶ୍ଚିତ। କିନ୍ତୁ ଏହା ବି ମୁଁ ମାନିବାକୁ ପ୍ରସ୍ତୁତ ଯେ ମୋ ସାହିତ୍ୟ ଯେତିକି ମୋ ସମ୍ପାଦକୀୟକୁ ସାହାଯ୍ୟ କରି ନାହିଁ, ତା ବଦଳରେ ସମ୍ପାଦନା ପତ୍ରିକା କି ପୁସ୍ତକ - ମୋ ସୃଷ୍ଟି ଜଗତକୁ ସମୃଦ୍ଧ ଓ ଶାଣିତ କରିଛି। ସୃଷ୍ଟିର ସ୍ରଷ୍ଟା ହିଁ ତ ସମ୍ପାଦକ ହୁଏ। ଏମିତି କହିହେବ ଯେ ସମ୍ପାଦକ ହେବାକୁ ହେଲେ ପ୍ରଥମେ କୌଣସି ସୃଷ୍ଟିର ସ୍ରଷ୍ଟା ହେବା ଅନିବାର୍ଯ୍ୟ।

ପ୍ରଶ୍ନ ୪ : କିପରି ଥିଲା ଆପଣଙ୍କ ପିଲାଦିନ ?

ଉତ୍ତର ୪ : ବାବା କୀର୍ତ୍ତନ ଗାୟକ। ନିଲମ୍ବୁ ଚିଲିକା କୂଳେ ଜନମ। ମା କାଳିଜାଈ ଓ ମା ନାରାୟଣୀଙ୍କ ଆଶୀର୍ବାଦ। ସବୁଜ ଭାଲେରୀ ଓ ଶାଳିଆ ନଈର ଶୋଭା। ସାହିତ୍ୟ ମାଟି ବାଣପୁର ପାଖରେ ମିଳିଛି। ଚିତ୍ର ଚାରୁକଳା ମହାବିଦ୍ୟାଳୟ ଖଲ୍ଲିକୋଟ ମାଟି ମିଳିଛି। ଖଲ୍ଲିକୋଟ ଓ ରତ୍ନା ପରି ରାଜଗଡ଼ ଇତିହାସ ମିଳିଛି। ବାଲୁଙ୍ଗା ଇଞ୍ଜିନପୁରରୁ ରହସ୍ୟ କୁମାର ବିଜୟ ରଣାଙ୍କ ଉପନ୍ୟାସ ମିଳିଛି। ଏକାଦଶ ଶ୍ରେଣୀରୁ ନୀଡ଼ ନାମକ ସାହିତ୍ୟ ପତ୍ରିକା ଓ ମଞ୍ଚ ତିଆରିଚି। ବଡ଼ଭାଇ ପ୍ରହ୍ଲାଦ ବେହେରା ସେତେବେଳେ ଲେଖକ ଓ ଆକାଶବାଣୀ କଳାକାର। ଭାଗୀରଥି ଦାସଙ୍କ ଉପନ୍ୟାସ ପଢ଼ିବାକୁ ମିଳିଛି। କହିବାକୁ ଗଲେ ସମ୍ପୂର୍ଣ୍ଣ ପିଲାଦିନ ସାହିତ୍ୟମୟ। ଯଦି ଏସବୁ ଛାଡିଦେବା ତେବେ ଜାତିପ୍ରଥାର ତାଡ଼ନା ଓ ଗରିବୀର କଷଣ ପ୍ରବଳ ମିଳିଛି।

ପ୍ରଶ୍ନ ୫ : ପିଲାଦିନେ କଣ ହେବାକୁ ସ୍ୱପ୍ନ ଦେଖିଥିଲେ ?

ଉତ୍ତର ୫ : ସାହିତ୍ୟିକ ଓ ଶିକ୍ଷାବିତ୍ ହେବାର ସ୍ୱପ୍ନ ଥିଲା ତାହା ଈଶ୍ୱରଙ୍କ ଅସୀମ କୃପାରୁ ପୂରଣ ହୋଇଅଛି।

ପ୍ରଶ୍ନ ୬ : ଆପଣଙ୍କ ପ୍ରେରଣା କିଏ ?

ଉତ୍ତର ୬ : ଚିଲିକା, ପାଲା ଓ ଅପେରା। ରହସ୍ୟ କୁମାର ବିଜୟ ରଣା, ଭାଗୀରଥି ଦାସ, ବିଭୂତି ପଟ୍ଟନାୟକଙ୍କ ନାମ ନେବି ଯଦି ସାହିତ୍ୟିକଙ୍କ କଥା ଉଠେ।

ପ୍ରଶ୍ନ ୭ : ଆପଣଙ୍କ ଅବସୋସ କଣ ?

ଉତ୍ତର ୭ : ଏମିତି କିଛି ଖାସ ନାହିଁ। ଯାହା ମିଳିଛି ସବୁଠିରେ ସନ୍ତୁଷ୍ଟ। ହଁ ବେଳେବେଳେ କଷ୍ଟ ଲାଗେ ଭାବିଲେ ଯେ ଓଡ଼ିଶା ସାହିତ୍ୟ ବିରୁଦ୍ଧ ମାଟି ହେବାରେ ଲାଗିଛି। ସରକାରୀ ତନ୍ତ୍ର ଭୟଙ୍କର ବିଫଳ। ବେସରକାରୀ ତନ୍ତ୍ର ଯଥେଷ୍ଟ ନୁହଁ। ଯଦି କିଏ ଯୁବ ପିଢ଼ି କହେ ସାହିତ୍ୟିକ ହେବାକୁ ସେ ଚାହେଁ ତେବେ ମନ ମରିଯାଏ। କହି ତ ପାରେନା କିନ୍ତୁ ମନରେ ଭାବେ ଭୁଲ୍ ରାସ୍ତା ବାଛୁଚି ସେ। କାରଣ ପ୍ରଚୁର ମାତ୍ରାରେ ସହଯୋଗ, ପ୍ରେରଣା, ପାରିତୋଷିକ, ପୁରସ୍କାର, ପ୍ରକାଶନୀ ସଂସ୍ଥା ଯାହା ଆଗାମୀ ପିଢ଼ିକୁ ତିଆରି କରି ଓଡ଼ିଆ ସାହିତ୍ୟର ବାଣୀ ଭଣ୍ଡାରକୁ ସମୃଦ୍ଧ କରିବ ତାହା ଓଡ଼ିଶାରେ ଅଭାବ।

ପ୍ରଶ୍ନ ୮ : ଆପଣଙ୍କ ପ୍ରିୟ ଲେଖକ, ପ୍ରିୟ ସଂପାଦକ, ପ୍ରିୟ ମଣିଷ କିଏ ?

ଉତ୍ତର ୮ : ସ୍ୱର୍ଗତ ରହସ୍ୟ କୁମାର ବିଜୟ ରଣା, ଭାଗୀରଥି ଦାସ, ବିଭୂତି ପଟ୍ଟନାୟକ, ରାମଚନ୍ଦ୍ର ବେହେରା ଇତ୍ୟାଦି। ଆଉ କିଛି ଅଛନ୍ତି ଭାରତୀୟ ସାହିତ୍ୟରେ।

ପ୍ରଶ୍ନ ୯ : ସାହିତ୍ୟ ଓ ଶିକ୍ଷା ନେଇ ଆପଣଙ୍କ ଆଗାମୀ ଯୋଜନା କଣ ?

ଉତ୍ତର ୯ : ଶିଶୁ କିଶୋର ଉପନ୍ୟାସ କିଛି ଲେଖିବା ସାହିତ୍ୟ ଓ ଶିକ୍ଷା କ୍ଷେତ୍ର ପାଇଁ। ପୁନଶ୍ଚ ପ୍ରତ୍ୟେକ ସ୍କୁଲରେ ବାର୍ଷିକ ଉତ୍ସବରେ ନାଟକର ଅଗ୍ରଗତି ଉଦ୍ଦେଶ୍ୟ ଶିକ୍ଷା ପାଇଁ। ନିଜ ସମ୍ପାଦିତ ପତ୍ରିକା ଭାଗୀରଥୀ - କବିତାର ଗଙ୍ଗା ଓ ଅନୁଷ୍ଠାନ ଗଞ୍ଜାମର କବିତାଘରର ନିରନ୍ତରତା ହିଁ ସାହିତ୍ୟିକ ଲକ୍ଷ୍ୟ।

ପ୍ରଶ୍ନ ୧୦ : ତରୁଣ ଲେଖକ, ତରୁଣ ସଂପାଦକଙ୍କ ପ୍ରତି ଆପଣଙ୍କର ବାର୍ତ୍ତା କଣ ରହିବ ?

ଉତ୍ତର ୧୦ : ଯେମିତି ଆଗରୁ କହିଛି ସମ୍ପାଦକ ହେବାକୁ ହେଲେ ପ୍ରଥମେ ଲେଖକ ହେବାକୁ ହୁଏ ତେଣୁ ଯିଏ ସମ୍ପାଦକ ହେବାକୁ ଚାହୁଁଛି ପ୍ରଥମେ ବିଭିନ୍ନ ଦିଗ ଲେଖୁ। ଯିଏ ଲେଖକ ହେବାକୁ ଚାହୁଁଚି ଅନ୍ୟ ସାହିତ୍ୟ ପ୍ରବଳ ପଢୁ ଏତିକି ବାରତା।

ଆଶା



ବିପ୍ଳବ ରଞ୍ଜନ ପତି

ଏକଥା ନୁହେଁ ଯେ
ତା' ମୋ ପରି କେବେବି
ଲୁହ ଆଉ ଦୁଃଖର ଝଗଡ଼ା ହୋଇନି କି
ମନୋମାଳିନ୍ୟ ବି ହୋଇନି
ହୋଇଛି।
କେବେଠୁ ଅଟକିକିଥିବା ଅଭିମାନସବୁ
ଛାତିର ବାଡ଼ ଡେଇଁ
କୋହରୁ କୁହୁଡ଼ି ହୋଇଛି
କେହି କାହା ମୁହଁକୁ
ଚାହିଁହେଉ ନଥିବା
ସେ ମୁହୂର୍ତ୍ତ ସବୁରେ
ଲୁହରୁ ବାହାରିଯାଇ
ଲୁଣ ଆୟୋଡିନର ହାତ ଧରି
ଚୁମ୍ବନଟିଏ ଦେଉଥିବାର
ମୁଁ ନିଜେ ଦେଖିଛି
ବାକିତକ ଲୁହ ବି
କାଚ ପରି ଭାଙ୍ଗି ଯାଇ
ଘାସ ପିନ୍ଧି ପକେଇଥିବା
ସେ ଜାଲପରି ବୁଣାଯାଇଥିବା
ବଅଁ ଡିଆଁ ଶାଢ଼ୀ ଉପରେ
ଫେରି ଯାଉଥିବା
ଫଗୁଣର ରଙ୍ଗ ଲୋଭରେ
ବାସ୍ ଶୁଖି ଶୁଖି ଯାଉଛି

ଆକାଶର ନୀଳ ସିଲଟରେ ଆ'
ଆଖିର ତୁଠ କି ଚଉତରାରେ
ଯୋଉ ଲାଲ ରଙ୍ଗ ଦେଖିଲ
ତାହା କୋଉ ପାଦର ଅଳତା ନୁହଁ
ତତଲା ତାଜା ରକ୍ତ
ଆପଣାପଣକୁ ଏଡ଼େଇ ଚାଲିଯାଉଥିବା
ହଳେ ପାଦ ତଳେ
ଏବେବି ଝୁଲିକି ଅଛି
ସେଇଥିପାଇଁ ତା' ଯାଇଥିବା ରାସ୍ତା ସାରା
ପୂରା ଶାଢ଼ୀରୁ ଅଲଗା ହୋଇ
ତଳକୁ ଝୁଲିପଡ଼ିଥିବା
ଗୋଟେ ଲାଲ ରଙ୍ଗର ସୁତା ପରି
ତାକୁ ଅଟକେଇବା
ସମୟର ଲାଇନଗ୍ରାଫ (ରେଖା ଚିତ୍ର)
ଆଖିର
ଏକ୍ସ ଏକ୍ସିସରେ ଦୁଃଖ
ୱାଇ ଏକ୍ସିସରେ ଲୁହ
ଗତିଶୀଳତା ଖୁବ ଅସ୍ପଷ୍ଟ
ସେ ସୁତା ଛିଡେଇଦେଲାଣି ସମୟ

ତା' ଗଲାପରେ
ଆ' ଡାକୁଥିବା ଆଖିର
ପୁଅଡୋଳା ଏବେ ପଥର
ତଥାପି ଦେଖୁନ
ମଝିରେ ଗୋଟେ କଳା ରଙ୍ଗର ମାଛ
ଦେହ ମୋଡ଼ି ଶୋଇଛି।

ମମତାମନ୍ଦିର, ଝିଙ୍କିରିଆ,
ଆରସା, ଡିହିଡ଼ି,
ଭଦ୍ରକ, ପିନ-୭୫୬୧୩୯
ଭ୍ରାମ୍ୟଭାଷ-୭୦୦୮୦୫୯୬୦୧

ବ୍ରହ୍ମ



ଦୀପାଳି ଦାସ

ଲେଖିବାକୁ ଅଛି ଅନେକ କିଛି
ଥରକୁଥର ବିତୁଥିବା ମୂହୁର୍ତ୍ତମାନଙ୍କୁ
ବଞ୍ଚେଇ ରଖିବାକୁ ଆମ ଭିତରେ
ଯିଏ ଯେମିତି ଆସି ଯାଇଛନ୍ତି
ସ୍ୱଚ୍ଛନ୍ଦରେ ଘଷିହୋଇ ଦେହରେ
ତମ ବ୍ୟକ୍ତିତ୍ୱର ଛାପକୁ ଧରି
ବେଲୁନ ପରି ଉଡୁଥିବା
ଅପର୍ଯ୍ୟାପ୍ତ ଫୁଆରା
ଜୀବନର ଭେଳିକିଭେଳି ରଙ୍ଗ ଆଣି...

କେତେ ନଦୀ,ନାଳ,ଭାଷା,ଭାଷୀ
ଦେବ ଦେବୀ
ସାଙ୍ଗରେ ତମର ଆସିଛନ୍ତି ଏଠିକି
ତାଙ୍କ ବିଶେଷତ୍ୱକୁ ଆଣି
ନାହିଁ ନଥିବା ପାପ ପୂଣ୍ୟର ବିଚାର
ମଣିଷ ହୋଇ ଜୀଇଁ ରହିବାର କାହାଣୀ
କେମିତି ବଖାଣି ପାରିବି ସେସବୁ
ମୋ ଭିତରର ଅଖଣ୍ଡ ତମକୁ
କାହାର ସ୍ୱରୂପ ଦେଇ... !
ଯିଏ ବଢ଼ି ଚାଲିଚି ଦିନକୁ ଦିନ
ଶ୍ୱେତରକ୍ତକଣିକା ପରି ମୋ ରକ୍ତରେ ମିଶି
ସମୟାନ୍ତରରେ ଖୁନ୍ଦିବାକୁ ମୋ ଠେଇଁ
କ୍ଷତି ସହିବାର ଯୁଝାରୁପଣ
ଟାଣିହୋଇ ଚାଲିଛି ମୁଁ ପଛରେ
ଆଉ ତମେ ଚାଲିଛ ଆଗରେ
ଇଞ୍ଜିନ ହୋଇ

କେମିତି ଖୋଲିକି ଦେଖେଇ ପାରିବି
କେଉଁ ବିଶେଷଣକୁ ହଟେଇ ଦେଇ..
ମୋ ଭିତରର ତମକୁ ପୁଟୁଳି ଖୋଲି,
କେତେ କାରୁକାର୍ଯ୍ୟପୂର୍ଣ୍ଣ ସେ ମୂର୍ତ୍ତୀ
କେଉଁ ଧାତୁରେ ଗଢ଼ା ସେ ଠାକୁର,
ମୁଁ ନିଜେ ବି ଜାଣିନି
ଯାହାଙ୍କୁ ଭଲକରି..!!
ପ୍ରାଣ ସଂଚରିକି ରଖିଛି ଅନ୍ତରେ
ଦାରୁବ୍ରହ୍ମରେ ସ୍ଥାପିତ କରିବି ବୋଲି
ନ ଦେଖନ୍ତୁ କେହି ତାଙ୍କୁ ସ୍ୱଚକ୍ଷୁରେ
ଥାଆନ୍ତୁ ସେ ବ୍ରହ୍ମ ହୋଇ ମୋ
ଛାତିତଳେ
କେବେ ନବକଳେବର ବେଳେ
ମହମହ ହୋଇ ବାସିବାକୁ ସେ
ବାହାରିଲେ.. !

ନାଭି ମୁମ୍ବାଇ, ମହରାଷ୍ଟ୍ର
ମୋ : ୭୦୪୪୨୦୭୩୫୭

କବିତା ଦେଖାହେଲା ପରେ



ଗୀତାରାଣୀ ଆଇଚ

ମୋ ମନ କଥା ବୁଝିଲାନି ବୋଲି ତ,
କବିତା ଦେଖା ହେଲା ପରେ ବି ,
ମୋ ପାଟିରୁ ଶବ୍ଦଟିଏ ବି ବାହାରିଲା ନାହିଁ।
ମୁଁ ନୀରବ ରହିଯାଇଥିଲି କାହିଁକି ?
ଏ ପ୍ରଶ୍ନ କବିତା ମୋତେ
ପଚାରି ପାରିଲା କି ?
କବିତା କିନ୍ତୁ ମୋତେ
ସ୍ନେହ ଆଉ ଆବେଗରେ
ଛନ୍ଦି ଦେଉଥିଲା
ମୁଁ ଆନମନା ହୋଇଯାଉଥିଲି।

ପ୍ରତି ପ୍ରୟାସରେ ସିଏ ମୋତେ
ବାନ୍ଧି ଦେଉଥିଲା ତ
ଛନ୍ଦି ବି ଦେଉଥିଲା,
ମୁଁ ଆବୋରି ଯାଉଥିଲି,
କବିତା କଣ ମୋ ମନ ଭିତରର
ସୂକ୍ଷ୍ମ ପ୍ରବାହ ?
କବିତା କଣ ମୋ ଅନ୍ତରର ଇଚ୍ଛା ?

ଶୁଣିଥିଲି କବିତା ଭିତରେ
ଅନେକ ଆଶା ଆକାଂକ୍ଷାର
ପ୍ରଶ୍ନବାଚୀ ଅଛି।
ହେଲେ କିଏ ବୁଝେ ସେ କଥା।
କିଏ ବୁଝୁ କି ନବୁଝୁ
ମୋତେ ବୁଝିବା ପାଇଁ
କବି ହେବାକୁ ପଡିବ।

ଅସହାୟତାର ଆକାଶ ଆଗରେ
ଆଷ୍ଟେଇବାକୁ ପଡିବ,
କବି ହେବାକୁ ହେଲେ
ଭଲ ବନ୍ଧୁଟିଏ ଲୋଡ଼ିବାକୁ ପଡିବ।
ସତ୍ୟ ନାମରେ
ମିଥ୍ୟାକୁ ଘୋଡାଇବାକୁ ପଡିବ।
ଏକାନ୍ତରେ ବସି ଭାବିବାକୁ ପଡିବ।

ଏତେସବୁ କଥା କଣ
କବି କରିପାରେ କି ?
କବିତା ଦେଖାହେଲା ପରେ
ଏତେ ସବୁ କଥା
କହି ପାରିଲିନି ବୋଲି ତ
କବି ହୋଇ ପାରିଲି ନାହିଁ
କବିତାକୁ ଖାଲି ଝୁରି ହେଲି।

ହେଲେ
କବିତା ମୋତେ
ଦେଖା ହେଲା ପରେ ବି
ଚାହିଁଲା ନାହିଁ କି କଥା ହେଲା ନାହିଁ,
ସେହି ନୀରବତାର ନିର୍ଯ୍ୟାସକୁ
ଏବେ ଯାଏ ମୁଁ ଝୁରି ହେଉଛି।

ନୂଆ ବଜାର, ଭଦ୍ରକ
ମୋ : ୮୨୪୯୬୧୨୯୮୭

ଆମ ଓଡ଼ିଶା

ପାକ୍ଷିକ (ନଭେମ୍ବର୧-୧୫)
୨୦୨୬

ରାଜଭୂମି

ମହାନ ଅକ୍ଟୋବର ସମାଜବାଦୀ ବିପ୍ଳବ ଦିବସ



କେନ୍ଦ୍ରାପଡ଼ା : ଭାରତୀୟ କମ୍ୟୁନିଷ୍ଟ ପାର୍ଟି(ସିପିଆଇ), କେନ୍ଦ୍ରାପଡା ଜିଲ୍ଲା କମିଟି ପକ୍ଷରୁ ଗୋପଛକ ନିକଟ ନାର୍ମାଲ୍ୟ ମଣ୍ଡପରେ ମହାନ ଅକ୍ଟୋବର ସମାଜବାଦୀ ବିପ୍ଳବ ଦିବସରେ କ୍ଷମତା ଓ ବ୍ୟବସ୍ଥା ପରିବର୍ତ୍ତନ ପାଇଁ ସଙ୍କଳ୍ପ ନେବା ଅବସରରେ ଏକ ଶ୍ରେଣୀ ବିହୀନ, ଜାତି ବିହୀନ, ଶୋଷଣ ବିହୀନ ସମାଜ ଗଠନ କରି ସାରା ବିଶ୍ୱରୁ କ୍ଷୁଧା, ନିର୍ଯ୍ୟାତନା ଲୋପ କରିଥିବା ମତଦାନକୁ ଉତ୍ସାହର ସହିତ ପାଳନ କରାଯାଇଥିଲା । ସାଥି ସୀତାକାନ୍ତ ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାର ପ୍ରାରମ୍ଭରେ ସାଥି ଶିକ୍ଷକନେତା ସୁମନ୍ତ ଛୋଟରାଏ, ସାଥି ବଳରାମ ମିଶ୍ର, ବିଶିଷ୍ଟ ଅଭିନେତା ନାନା ପାଟକର, ବନ୍ୟା ବାତ୍ୟାରେ ପ୍ରାଣ ହରାଇଥିବା ସାଥିଙ୍କ ଉଦ୍ଦେଶ୍ୟରେ ଶୋକ ପ୍ରସ୍ତାବ ଆଗତ କରାଯାଇଥିଲା । ଜିଲ୍ଲା ସମ୍ପାଦକ ସାଥି ବିକାଶ ଚନ୍ଦ୍ର ବେଉରା ବିଗତ କାର୍ଯ୍ୟକ୍ରମର ବିବରଣୀ ସହିତ ଆଗାମୀ କାର୍ଯ୍ୟକ୍ରମ ପାଇଁ ପ୍ରସ୍ତାବ ଆଗତ କରିଥିଲେ । ବୈଠକରେ ସିପିଆଇ ରାଜ୍ୟ ସମ୍ପାଦକ ମଣ୍ଡଳୀ ସଭ୍ୟ ସାଥି ରମଣୀରଞ୍ଜନ ରାଉତରାୟ ଯୋଗଦେଇ ସାରା ବିଶ୍ୱରେ କମ୍ୟୁନିଷ୍ଟମାନଙ୍କ ଭୂମିକା ଏବଂ ଭାରତରେ ଭୂସଂସ୍କାର ଆନ୍ଦୋଳନ ଠାରୁ ବ୍ୟାଙ୍କ ଜାତୀୟକରଣ କରିବା, ଓଡିଶାରେ ଶିକ୍ଷକମାନଙ୍କୁ ସିଧାସଳଖ ଦରମା ପ୍ରଦାନ ପର୍ଯ୍ୟନ୍ତ ଅତୀତର କଥାକୁ ଉପସ୍ଥାପନ କରିଥିଲେ । ବର୍ତ୍ତମାନ ଏମଏମଡିଆର ସଂଶୋଧନ ଆଇନ, ଆଜି ଡବଲ ଇଞ୍ଜିନ ସରକାର ପ୍ରତିବର୍ଷ ଓଡିଶା ୧୫ହଜାର କୋଟି ହରାଇବା ସହିତ ଓଡିଶାର ଖଣି, ପାଣି ଜମି ଓ ଜଙ୍ଗଲକୁ ଦୁଇ କମ୍ପାନୀକୁ ବିକ୍ରୀ କରିଥିବାରୁ ଦୁର୍ବାର ଲଢେଇ କରିବାକୁ ଡାକରା ଦେଇଥିଲେ । ଏସଆଇଆର ନାମରେ ନିର୍ବାଚନ ଅଧିକାରୀ ଜ୍ଞାନେଶ କୁମାର ୧୫କୋଟି ଲୋକଙ୍କର ଭୋଟ କାଟିବାକୁ ଉଦ୍ୟମ କରିଥିଲେ, ସୋରିଷ ତେଲ ଲିଟର ୨୨୫ଟଙ୍କାକରି ଦରଦାମ ବଢାଇବାକୁ,ସମସ୍ତ ବୃଦ୍ଧ,ବୃଦ୍ଧା ମାସିକ ୩ହଜାର ଟଙ୍କା ଭତ୍ତା ପ୍ରଦାନ ଆଦି ସମ୍ପର୍କରେ ଆଲୋଚନା କରିଥିଲେ । ବୈଠକରେ ସହସମ୍ପାଦକ ସାଥି ଆଦିକନ୍ଦ ରାଉଳ, ସାଥି ସୋହାନା ବେଗମ, ସାଥି ରଞ୍ଜନ ମଲିକ, ପୂର୍ବତନ ଜିଲ୍ଲା ସମ୍ପାଦକ ବାବାଜୀ ଧଳ, ରାଜନଗର, ପଟ୍ଟାମୁଣ୍ଡାଇ ଜୋନର ସମ୍ପାଦକ ସାଥି ଅଭୟ ନାୟକ, ସାଥି ଗଜେନ୍ଦ୍ର ନାୟକ, ସାଥି ପ୍ରଦୀପ ବେଉରା, ସାଥି ଆହ୍ୱାନ ରାଉତରାୟ ପ୍ରମୁଖ ଯୋଗଦେଇ ଆସନ୍ତା ଡିସେମ୍ବର ୨ତାରିଖରେ ଜେଲଭରୋ ଆନ୍ଦୋଳନ କରି ୫ଶହ ସାଥି କାରାବରଣ କରିବାକୁ ନିଷ୍ପତ୍ତି ନିଆଯାଇଥିଲା ।

ଗଜପତିରେ ଜିଲ୍ଲାସ୍ତରୀୟ ଯୁବୋତ୍ସବ



ଗଜପତି : ଜିଲ୍ଲା କ୍ରୀଡ଼ା ଓ ଯୁବ ସେବା ବିଭାଗ ପକ୍ଷରୁ ଜିଲ୍ଲା ସଦର ମହକୁମା ପାରଳାଖେମୁଣ୍ଡି ସ୍ଥିତ ବିଜୁ କଲ୍ୟାଣ ମଣ୍ଡପଠାରେ 'ବିକଶିତ ଭାରତ ଯୁବ ନେତୃତ୍ୱ ସଂକଳ୍ପ-୨୦୨୬' ଅନ୍ତର୍ଗତ ଜିଲ୍ଲାସ୍ତରୀୟ ଯୁବୋତ୍ସବ ଅନୁଷ୍ଠିତ ହୋଇଯାଇଛି । ଏହି ଉଦ୍‌ଘାଟନୀ ଉତ୍ସବରେ ଜିଲ୍ଲା ପରିଷଦ ଅଧ୍ୟକ୍ଷ ଶ୍ରୀଯୁକ୍ତ ଜି.ତିରୁପତି ରାଓ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଯୁବପିଢ଼ିଙ୍କ ମଧ୍ୟରେ ଥିବା ପ୍ରତିଭା ଓ ସୃଜନଶୀଳତାର ବିକାଶ ପାଇଁ ଏଭଳି ଆୟୋଜନର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ । ଏହି ଉତ୍ସବରେ ସମ୍ମାନିତ ଅତିଥି ଭାବରେ ଯୋଗଦେଇ ପାରଳାଖେମୁଣ୍ଡି ପୌରପାଳିକାର ଅଧ୍ୟକ୍ଷା ଶ୍ରୀମତୀ ନିର୍ମଳା ସେଠୀ, ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ଫାଲ୍‌ଗୁନୀ ମାଝୀ, ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ମୁନୀନ୍ଦ୍ର ହୋନନଗା, ଜିଲ୍ଲା ଶିକ୍ଷା ଅଧିକାରୀ ଡ଼.ମାୟାଧର ସାହୁ, ବରିଷ୍ଠ କ୍ରୀଡ଼ାବିତ୍ କିଶୋର ରଥ, ସାମଜିକ କର୍ମୀ ଶ୍ରୀ ହୃଷିକେଶ ଗୌଡ଼ ଏବଂ ଜିଲ୍ଲା କ୍ରୀଡ଼ାଧିକାରୀ ତ୍ରିନାଥ ସାହୁ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ । ଜିଲ୍ଲା କ୍ରୀଡ଼ା ଅଧିକାରୀ ସ୍ୱାଗତ ଭାଷଣ ପ୍ରଦାନ କରି ଉପସ୍ଥିତ ଯୁବ ପ୍ରତିଯୋଗୀମାନଙ୍କୁ ସ୍ୱାଗତ କରିବା ସହ ଯୁବୋତ୍ସବର ଉଦ୍ଦେଶ୍ୟ ଓ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିଲେ । ଏହି ଯୁବୋତ୍ସବରେ ଜିଲ୍ଲାର ବିଭିନ୍ନ ବ୍ଲକ୍ ଓ ସହରାଞ୍ଚଳର ମହାବିଦ୍ୟାଳୟ ଗୁଡ଼ିକରୁ ଆସିଥିବା ଛାତ୍ରଛାତ୍ରୀମାନେ ବିଭିନ୍ନ ବିଭାଗରେ ନିଜର ପ୍ରତିଭା ପ୍ରଦର୍ଶନ କରିଥିଲେ । ଏଥିରେ ଗୋଷ୍ଠୀଗତ ଲୋକନୃତ୍ୟ, ଗୋଷ୍ଠୀଗତ ଲୋକଗୀତ, କାହାଣୀ ଲିଖନ, ଚିତ୍ରକଳା, କବିତା ଲିଖନ ଓ ବକ୍ତୃତା ଆଦି ପ୍ରତିଯୋଗିତା ଆୟୋଜିତ ହୋଇଥିଲା । ଏହି ଅଭିଯାନର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ଜନସେବା, ଜନଭାଗିଦାରୀ ଓ ସାମାଜିକ ଦାୟିତ୍ୱବୋଧର ଭାବନାକୁ ଜନସାଧାରଣଙ୍କ ମଧ୍ୟରେ ପହଞ୍ଚାଇବା ସହ- ୨୦୪୭ ସୁଦ୍ଧା ବିକଶିତ ଭାରତ ଗଠନ ପାଇଁ ସମସ୍ତଙ୍କୁ ଏକ ସାମୂହିକ ସଂକଳ୍ପ ନେବାକୁ ପ୍ରେରିତ କରିବା । ବିଭିନ୍ନ ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ହାସଲ କରିଥିବା ବିଜେତାମାନେ ଆଗାମୀ ରାଜ୍ୟସ୍ତରୀୟ ଯୁବୋତ୍ସବରେ ଗଜପତି ଜିଲ୍ଲାର ପ୍ରତିନିଧିତ୍ୱ କରିବେ । ଏହି ଯୁବୋତ୍ସବ ଯୁବପିଢ଼ିଙ୍କ ମଧ୍ୟରେ ଲୁକ୍କାୟିତ ପ୍ରତିଭାର ବିକାଶ ସହ ନେତୃତ୍ୱ ଦକ୍ଷତା, ସୃଜନଶୀଳତା ଓ ସାଂସ୍କୃତିକ ଚେତନାକୁ ପ୍ରୋତ୍ସାହିତ କରିବାରେ ସହାୟକ ହୋଇପାରିବ ।

ଝାରସୁଗୁଡ଼ାରେ ଜିଲ୍ଲାସ୍ତରୀୟ ଜଙ୍ଗଲ ଅଧିକାର କମିଟି ବୈଠକ

କନ୍ଧମାଳ : ଝାରସୁଗୁଡ଼ା ଜିଲ୍ଲାପାଳ ତଥା ଜିଲ୍ଲା ମାଜିଷ୍ଟ୍ରେଟ ଶ୍ରୀ କୁଣାଲ ମୋତିରାମ ଚହ୍ୱାଣଙ୍କ ଅଧ୍ୟକ୍ଷତାରେ ଜିଲ୍ଲାସ୍ତରୀୟ ଜଙ୍ଗଲ ଅଧିକାର କମିଟି ବୈଠକ ଅନୁଷ୍ଠିତ ହେଇଯାଇଛି । ସ୍ଥାନୀୟ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଆୟୋଜିତ ଏହି ଗୁରୁତ୍ୱପୂର୍ଣ୍ଣ ବୈଠକରେ ଜଙ୍ଗଲ ଅଧିକାର ଆଇନ ଅଧୀନରେ ବିଭିନ୍ନ ବିକାଶମୂଳକ ପ୍ରକଳ୍ପ ଓ ଜଙ୍ଗଲ ଜମି ଅଧିକାର ସମ୍ପର୍କିତ ଦାବିଗୁଡ଼ିକ ଉପରେ ବିସ୍ତୃତ ଆଲୋଚନା ଓ ସମୀକ୍ଷା



କରାଯାଇଥିଲା । ବୈଠକରେ ବିକାଶମୂଳକ ଭିତ୍ତିଭୂମିକୁ ପ୍ରାଥମିକତା ପ୍ରଦାନ ପୂର୍ବକ ଦୁମୁହାଁ ଯୋଡ଼ ନାଳ ଉପରେ ଏକ ହାଇ-ଲେଭଲ୍ ସେତୁ ନିର୍ମାଣ ନିମନ୍ତେ ୦.୧୮୨ ହେକ୍ଟର ଜଙ୍ଗଲ ଜମି ଅଣ-ଜଙ୍ଗଲ କାର୍ଯ୍ୟରେ ବ୍ୟବହାର ପ୍ରସ୍ତାବକୁ କମିଟି ଦ୍ୱାରା ଅନୁମୋଦନ କରାଯାଇଛି । ଏହା ସହିତ ଯୋଗ୍ୟ ହିତାଧିକାରୀଙ୍କୁ ସେମାନଙ୍କ ଜଙ୍ଗଲ ଜମି ଅଧିକାର ପ୍ରଦାନ ଉଦ୍ଦେଶ୍ୟରେ ଝାରସୁଗୁଡ଼ାର ୫ଟି ଏବଂ କିର୍ମିରା ବ୍ଲକର ୧୨ଟି ସର୍ବମୋଟ ୧୭ଟି ବ୍ୟକ୍ତିଗତ ଜଙ୍ଗଲ ଅଧିକାର ପଟ୍ଟାକୁ ବିଧିବଦ୍ଧ ଭାବେ ମଞ୍ଜୁରୀ ଦିଆଯାଇଛି । ଏହି ବୈଠକରେ ଝାରସୁଗୁଡ଼ା ବନଖଣ୍ଡ ଅଧିକାରୀ ଶ୍ରୀ ମନୁ ଅଶୋକ ଭଟ୍ଟ, କିର୍ମିରା ଜିଲ୍ଲା ପରିଷଦ ସଦସ୍ୟା ରୀତା ବାଘ, ଝାରସୁଗୁଡ଼ା ଜୋନ୍-୨ ଜିଲ୍ଲା ପରିଷଦ ସଦସ୍ୟ ଦିଗମ୍ବର ଭୋଇ ଉପସ୍ଥିତ ଥିଲେ । ଏଥିସହ ସ୍ୱତନ୍ତ୍ର ନିମନ୍ତ୍ରିତ ଭାବେ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ଶ୍ରୀ ଦିଲ୍ଲୀପ ପ୍ରଧାନ, ଉପ-ଜିଲ୍ଲାପାଳ ଶ୍ରୀ ସବ୍ୟସାଚୀ ପଣ୍ଡା, ଜିଲ୍ଲା ମଙ୍ଗଳ ଅଧିକାରୀ ଶ୍ରୀମତୀ ଜୟଶ୍ରୀ ଏବଂ ଜିଲ୍ଲାର ସମସ୍ତ ତହସିଲଦାର ପ୍ରମୁଖ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ ।

ହିନ୍ଦୋଳ ପିଏମ୍ ଶ୍ରୀ ସରକାରୀ ଉଚ୍ଚବିଦ୍ୟାଳୟରେ ବିଜ୍ଞାନ ପ୍ରଦର୍ଶନୀ

ହିନ୍ଦୋଳ : ଛାତ୍ରଛାତ୍ରୀଙ୍କ ମଧ୍ୟରେ ବୈଜ୍ଞାନିକ ମନୋଭାବ, ସୃଜନଶୀଳତା ଏବଂ ଉଦ୍ଭାବନୀ ଚିନ୍ତାଧାରାର ବିକାଶ ପାଇଁ ଢେଙ୍କାନାଳ ଜିଲ୍ଲା ହିନ୍ଦୋଳ ଉପଖଣ୍ଡ ଏନଏସି ସ୍ଥିତ ହିନ୍ଦୋଳ ପିଏମ୍ ଶ୍ରୀ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଏକ ବିଦ୍ୟାଳୟ ସ୍ତରୀୟ ବିଜ୍ଞାନ ପ୍ରଦର୍ଶନୀ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି । ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଶ୍ରୀ ଦୀନବନ୍ଧୁ ପୃଷ୍ଟିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ହିନ୍ଦୋଳ ଗୋଷ୍ଠୀ ଶିକ୍ଷା ଅଧିକାରୀ ଶ୍ରୀ ହରିହର ଦେହୁରୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପ୍ରଦର୍ଶନୀକୁ ଉଦ୍‌ଘାଟନ କରିଥିଲେ । ସମ୍ମାନିତ ଅତିଥି ଭାବେ ସହକାରୀ ଗୋଷ୍ଠୀ ଶିକ୍ଷା ଅଧିକାରୀ ଶ୍ରୀ ସଞ୍ଜୟ କୁମାର ନାୟକ, ନୋଡାଲ ପ୍ରଧାନ ଶିକ୍ଷକ ଶ୍ରୀ ଅନାଦି ଚରଣ ନାୟକ, ବରିଷ୍ଠ ପ୍ରଧାନ ଶିକ୍ଷକ ଶ୍ରୀ ପବିତ୍ର ମୋହନ ପ୍ରଧାନ ପ୍ରମୁଖ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିଥିଲେ ।ଏହି ପ୍ରଦର୍ଶନୀରେ ବିଦ୍ୟାଳୟର ବରିଷ୍ଠ ଓ କନିଷ୍ଠ ବିଭାଗରୁ ମୋଟ ୪୯ଟି ଆକର୍ଷକ ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା । ଛାତ୍ରଛାତ୍ରୀମାନେ ପରିବେଶ ସୁରକ୍ଷା, ଜଳ ସଂରକ୍ଷଣ, ନବୀକରଣଯୋଗ୍ୟ



ଶକ୍ତି, ଆଧୁନିକ କୃଷି, ସ୍ୱାସ୍ଥ୍ୟ ଏବଂ ପ୍ରଯୁକ୍ତିବିଦ୍ୟା ଉପରେ ଆଧାରିତ ବିଭିନ୍ନ କାର୍ଯ୍ୟକ୍ଷମ ଓ ଅଣକାର୍ଯ୍ୟକ୍ଷମ ମଡେଲ୍ ପ୍ରସ୍ତୁତ କରିଥିଲେ। ପ୍ରତ୍ୟେକ ଛାତ୍ରଛାତ୍ରୀ ନିଜ ନିଜ ପ୍ରକଳ୍ପର ବୈଜ୍ଞାନିକ ତଥ୍ୟ ଏବଂ ଏହାର ବ୍ୟବହାରିକ ଉପଯୋଗିତା ସମ୍ପର୍କରେ ସୁନ୍ଦର ଭାବରେ ବୁଝାଇଥିଲେ ।ଉଦ୍‌ଯାପନୀ ଉତ୍ସବରେ ସହକାରୀ ଗୋଷ୍ଠୀ ଶିକ୍ଷା ଅଧିକାରୀ ଶ୍ରୀ ସଞ୍ଜୟ କୁମାର ନାୟକ, ଶ୍ରୀ ପ୍ରକାଶ କୁମାର ପ୍ରଧାନ ଓ ଶ୍ରୀ ଲଲିତ ମୋହନ ସେଠୀଙ୍କ ସମେତ ବିଦ୍ୟାଳୟ ପରିଚାଳନା ସମିତିର ସଭାପତି ଶ୍ରୀ ପ୍ରଦ୍ୟୁମ୍ନ କୁମାର ବେହେରା ଏବଂ ଉପସଭାପତି ଶ୍ରୀମତୀ ବୈଜୟନ୍ତୀ ବିଶ୍ୱାଳ ଅତିଥି ଭାବେ ଯୋଗଦେଇଥିଲେ । ବରିଷ୍ଠ ବିଜ୍ଞାନ ଶିକ୍ଷକ ଶ୍ରୀ ଅନାଦି ଚରଣ ନାୟକ ଓ ଶ୍ରୀ ପବିତ୍ର ମୋହନ ପ୍ରଧାନ ବିଚାରକ ଭାବେ ଦାୟିତ୍ୱ ନିର୍ବାହ କରି ପ୍ରକଳ୍ପଗୁଡ଼ିକର ମୂଲ୍ୟାଙ୍କନ କରିଥିଲେ । ବିଦ୍ୟାଳୟର ସମସ୍ତ ଶିକ୍ଷକ-ଶିକ୍ଷୟିତ୍ରୀଙ୍କ ନିଷ୍ଠାପର ମାର୍ଗଦର୍ଶନ ଏବଂ ଛାତ୍ରଛାତ୍ରୀଙ୍କ ସକ୍ରିୟ ଅଂଶଗ୍ରହଣ ଯୋଗୁଁ ଏହି କାର୍ଯ୍ୟକ୍ରମଟି ଅତ୍ୟନ୍ତ ସଫଳ ହୋଇଥିଲା । ପରିଶେଷରେ ପ୍ରଧାନ ଶିକ୍ଷକ ଶ୍ରୀ ଦୀନବନ୍ଧୁ ପୃଷ୍ଟି ଉପସ୍ଥିତ ସମସ୍ତ ଅତିଥି, ଶିକ୍ଷକ ଓ ଛାତ୍ରଛାତ୍ରୀଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ ଯୋଜନା ପାଇଁ ଜନ ଶୁଣାଣୀ କାର୍ଯ୍ୟକ୍ରମ

ହିନ୍ଦୋଳ : ଢେଙ୍କାନାଳ ଜିଲ୍ଲା ହିନ୍ଦୋଳ ତହସିଲ ଅନ୍ତର୍ଗତ ୯ ଗୋଟି ପ୍ରଭାବିତ ଗ୍ରାମର ଭୂ-ଅର୍ଜନ ଓ ପୁନର୍ବାସ ଓ ଥଇଥାନ ନିୟମ ଅନୁଯାୟୀ ରୁଙ୍ଗଟା ମାଇନ୍ସ ଢେଙ୍କାନାଳ ଇସ୍ପାତ କାରଖାନା



ସମ୍ପ୍ରସାରଣ ନିମନ୍ତେ ଆବଶ୍ୟକ ହେଉଥିବା ୯୩୧.୨୮୭ ଘରୋଇ ଜମି ଅଧିଗ୍ରହଣ ନିମନ୍ତେ ପ୍ରଶାସନ ଦ୍ୱାରା ଜନ ଶୁଣାଣି ବେରୁଆଁପାଳ ଗ୍ରାମ ନିକଟରେ ଥିବା ଗ୍ରାମ୍ୟ ପଡିଆଠାରେ ଅନୁଷ୍ଠିତ ହୋଇଯାଇଛି । ଏହି ଜନ ଶୁଣାଣି ଶିବିରରେ ଉପଜିଲ୍ଲାପାଳ ପ୍ରଭାସ କୁମାର ବେହୁରା ତହସିଲଦାର ଦିଲ୍ଲୀପ କୁମାର ସେଠୀ ଡେପୁଟି କଲେକ୍ଟର ବବିତା ମିଶ୍ର ଓ ରାଜସ୍ୱ ସୁପରଭାଇଜର ଉପସ୍ଥିତ ରହି ସହଯୋଗ କରିଥିଲେ । ଏହି ଜମି ଅଧିଗ୍ରହଣ ନିମନ୍ତେ ପ୍ରଭାବିତ ପ୍ରଜାମାନେ ୭ ଗୋଟି ଦାବୀ ସମ୍ବଳିତ ଏକ ସ୍ମାରକ ପତ୍ର ଉପଜିଲ୍ଲାପାଳଙ୍କ ଜରିଆରେ ରାଜ୍ୟ ସରକାରଙ୍କୁ ଜଣାଇଥିଲେ ଓ ଏହି ଜନ ଶୁଣାଣି ରେ ପ୍ରଭାବିତ ପ୍ରଜାମାନେ ତାଙ୍କ ନିଜ ନିଜର ଅସୁବିଧା ତଥା ସାମୁହିକ ଉପରେ ପ୍ରଶାସନ ନିକଟରେ ଦାବୀ ଜଣାଇଥିଲେ ଓ ଏହି ଦାବୀ ମଧ୍ୟରେ ପ୍ରଥମେ ପ୍ରତି ଏକର ପିଛା ପାଞ୍ଚ କୋଟି ଟଙ୍କା ଓ ଅନ୍ୟାନ୍ୟ ସୁବିଧା ସୁଯୋଗ ଯୋଗାଇ ଦେବାକୁ ଦାବୀ ଜଣାଇଥିଲେ । ଏହି ପ୍ରଭାବିତ ପ୍ରଜା ହିସାବରେ ପୂର୍ବତନ ବ୍ଲକ ଅଧ୍ୟକ୍ଷ ଅକ୍ଷୟ କୁମାର ପାଣିଗ୍ରାହୀ, ମନୋଜ କୁମାର ପାଣଗ୍ରାହୀ, ସରୋଜ କୁମାର ପାଣିଗ୍ରାହୀ ପୂର୍ବତନ ସରପଞ୍ଚ ଅଜୟ କୁମାର ମାଝୀ ଓ ପ୍ରଭାବିତ ପ୍ରଜାମାନେ ଏହି ଜମି ଅଧିଗ୍ରହଣ ଜନ ଶୁଣାଣୀରେ ଉପସ୍ଥିତ ରହି ଥିଲେ ।

୧୩ ଦିନ ଧରି ଜାରି ରହିଛି ଅଭିନେତା ସବ୍ୟସାଚୀ ମିଶ୍ରଙ୍କ 'ସ୍ମାଇଲ୍ ପ୍ଲିଜ୍' ଓ 'ସ୍ମାଇଲ୍ ଫୋର୍ସ'ର ରିଲିଫ୍ କାର୍ଯ୍ୟ



ଗଞ୍ଜାମ : ଜିଲ୍ଲାରେ ତୀବ୍ର ବନ୍ୟା ପରିସ୍ଥିତିକୁ ନେଇ ଦୀର୍ଘ ଦିନ ହେଲାଣି ଅନେକ ଲୋକ ସ୍ୱାଭାବିକ ଜୀବନକୁ ଫେରି ପାରି ନାହାନ୍ତି । ଏହି ଦୁର୍ଦ୍ଦିନରେ ଆରମ୍ଭ ଦିନରୁ ହିଁ ଅଭିନେତା ସବ୍ୟସାଚୀ ମିଶ୍ରଙ୍କ 'ସ୍ମାଇଲ୍ ପ୍ଲିଜ୍' ଫାଉଣ୍ଡେସନ୍ ଏବଂ ଗ୍ରାଉଣ୍ଡ ଜିରୋରେ କାର୍ଯ୍ୟରତ 'ସ୍ମାଇଲ୍ ଫୋର୍ସ' ଙ୍କଷ୍ଣଙ୍କଭଷ୍ପରରବ୍ଧ ଟିମ୍ ପ୍ରଭାବିତ ଲୋକଙ୍କ ପାଖରେ ପହଞ୍ଚିଛନ୍ତି । ସ୍ଥାନୀୟ ପ୍ରଶାସନର ସହଯୋଗରେ ଆସ୍କା, ଭଞ୍ଜନଗର ଏବଂ ବ୍ରହ୍ମପୁରର ବିଭିନ୍ନ ଅଞ୍ଚଳରେ ସେମାନଙ୍କୁ ରନ୍ଧା ଖାଦ୍ୟ, ଶୁଖିଲା ରାସନ୍, ଜରୁରୀକାଳୀନ ସାମଗ୍ରୀ, ଔଷଧ ଏବଂ ସାନିଟାରୀ ପ୍ରଡକ୍ଟ ନିରନ୍ତର ଭାବରେ ଯୋଗାଇ ଦିଆଯାଉଛି । ଏହି କ୍ରମରେ ଆଜି ସକାଳେ ସବୁଠୁ ଅଧିକ କ୍ଷତିଗ୍ରସ୍ତ ଅଞ୍ଚଳ ନବରନ୍ପୁରରେ ଏକ ସ୍ୱତନ୍ତ୍ର ବିତରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ପୂର୍ବରୁ ସର୍ଭେ କରାଯାଇଥିବା ତଥ୍ୟ ଅନୁଯାୟୀ, ସର୍ବସ୍ୱ ହରାଇଥିବା ପରିବାରମାନଙ୍କୁ ସିଲେଇ ମେସିନ୍, ମୋବାଇଲ୍ ଫୋନ୍, ଗ୍ୟାସ୍ ଚୁଲା, ବାସନ କୁସନ, ଟେବୁଲ୍ ଚେୟାର ଇତ୍ୟାଦି ଆବଶ୍ୟକୀୟ ସାମଗ୍ରୀ ବିତରଣ ସହ କିଛି ପରିବାର କୁ ସହିତ ଆର୍ଥିକ ସହାୟତା ମଧ୍ୟ ପ୍ରଦାନ କରାଯାଇଛି । ଏହି ବିତରଣ ସମୟରେ ସବ୍ୟସାଚୀ ମିଶ୍ର ଭିଡିଓ କଲ୍ ମାଧ୍ୟମରେ ଯୋଗ ଦେଇଥିଲେ ଓ ତାଙ୍କୁ ସ୍ଥାନୀୟ ଲୋକ ସବ୍ୟସାଚୀଙ୍କୁ ଆଶୀର୍ବାଦ ଦେବା ସହ ନିଜ ଅସୁବିଧା ବିଷୟରେ ଜଣାଇଥିଲେ। ସ୍ମାଇଲ ଫୋର୍ସ ଙ୍କଷ୍ଣଙ୍କଭଷ୍ପରରବ୍ଧ ଅଂଶୁମାନ, ଦିନେଶ, ଜୟନ୍ତ, ଆଶୁତୋଷ ଆଦି ଉପସ୍ଥିତ ରହି ଏହି କାର୍ଯ୍ୟକୁ ସୁଚାରୁ ରୂପେ ତୁଲାଇଥିଲେ।

ଏତଦ୍‌ବ୍ୟତୀତ, ବନ୍ୟାରେ କ୍ଷତିଗ୍ରସ୍ତ ହୋଇଥିବା ଛାତ୍ରଛାତ୍ରୀଙ୍କ ପାଠପଢ଼ା ଯେପରି ବ୍ୟାହତ ନହେବ, ସେଥିପାଇଁ ସ୍ୱତନ୍ତ୍ର ପଦକ୍ଷେପ ନିଆଯାଉଛି । ସେମାନଙ୍କୁ ଆବଶ୍ୟକୀୟ ପାଠ୍ୟପୁସ୍ତକ ଓ ଶିକ୍ଷକୋପକରଣ ଯୋଗାଇ ଦେବା ପାଇଁ ଯୋଜନା ରହିଛି, ଯାହାଫଳରେ ସେମାନେ ଆଗାମୀ ପରୀକ୍ଷା ପାଇଁ ନିର୍ଭୟରେ ପ୍ରସ୍ତୁତ ହୋଇପାରିବେ।

ଅବ୍ୟବସ୍ଥା ଘେରରେ ମୁଣ୍ଡୁଳା ଯାତ୍ରୀ ବିଶ୍ରାମାଗାର

ବେଗୁନିଆପଡା : ଗଞ୍ଜାମ ଜିଲ୍ଲା ବେଗୁନିଆପଡ଼ା ବ୍ଲକ ଅନ୍ତର୍ଗତ ମୁଣ୍ଡୁଳା ଯାତ୍ରୀ ବିଶ୍ରାମାଗାରର ଅବସ୍ଥା ଦିନକୁ ଦିନ ଖରାପ ହେବାରେ ଲାଗିଛି । ଯାତ୍ରୀମାନଙ୍କ ସୁବିଧା ଓ ବିଶ୍ରାମ ପାଇଁ ନିର୍ମିତ ଏହି ବିଶ୍ରାମାଗାର ଏବେ ଅବ୍ୟବସ୍ଥା ଘେରରେ ରହିଛି । ଏଠାରେ ସଫାସୁତୁରାର ଅଭାବ ସହ ରକ୍ଷଣାବେକ୍ଷଣ ନଥିବାରୁ ଏହାର ଅବସ୍ଥା ଖରାପ ହୋଇପଡ଼ିଛି । ବିଶ୍ରାମାଗାର ପରିସରରେ ପରିଷ୍କାର ପରିଚ୍ଛନ୍ନତା ରହୁନଥିବାରୁ ଯାତ୍ରୀମାନେ ଅସନ୍ତୋଷ ପ୍ରକାଶ କରୁଛନ୍ତି । ସରକାରୀ ଅର୍ଥରେ ନିର୍ମିତ ଏହି ଯାତ୍ରୀ ବିଶ୍ରାମାଗାରର ଏଭଳି ଅବସ୍ଥା ପାଇଁ ଦାୟୀ କିଏ ଏହାର ରକ୍ଷଣାବେକ୍ଷଣ ଦାୟିତ୍ୱ କେଉଁ ବିଭାଗ ହାତରେ ରହିଛି ଏଭଳି ଅନେକ ପ୍ରଶ୍ନ ଏବେ ସାଧାରଣରେ ଉଠୁଛି । ତେଣୁ ତୁରନ୍ତ ମୁଣ୍ଡୁଳା ଯାତ୍ରୀ ବିଶ୍ରାମାଗାରର ନିୟମିତ ରକ୍ଷଣାବେକ୍ଷଣ ବ୍ୟବସ୍ଥା କରିବାକୁ ଅଞ୍ଚଳବାସୀଙ୍କ ପକ୍ଷରୁ ଦାବି ହେଉଛି ।



ବାତ୍ୟା 'ଅର୍ଣ୍ଣବ' ପାଇଁ ଜରୁରୀକାଳୀନ ରିଲିଫ୍ ସହାୟତା

କନ୍ଧମାଳ : କନ୍ଧମାଳ, ଗଜପତି ଏବଂ ଗଞ୍ଜାମ୍ ଜିଲ୍ଲାର ସମସ୍ତ